# ମଡ୍ୟୁଲ୍ - ୪

## ସମସାମୟିକ ଭାରତ - ବିଭିନ୍ନ ସମସ୍ୟା, ପରିଣାମ ଓ ଲକ୍ଷ


୨୩. ଭାରତର ଗଣତନ୍ତ୍ରପ୍ରତି ଆହ୍ୱାନ

୨୪. ଜାତୀୟ ସଂହତି ଓ ଧର୍ମନିରପେକ୍ଷତା

୨୫. ସାମାଜିକ, ଅର୍ଥନୈତିକ ବିକାଶ ଓ ଅନଗ୍ରସର ଗୋଷ୍ଠୀମାନଙ୍କ ସମାର୍ଥ୍ୟ ଓ ଦକ୍ଷତା ବୃଦ୍ଧି

୨୬. ପରିବେଶ ଅବନତି ଓ ବିପତ୍ତିର ପରିଚାଳନା

୨୭. ଶାନ୍ତି ଓ ନିରାପତ୍ତା

# ୨୩

# ଭାରତୀୟ ଗଣତନ୍ତ୍ରପ୍ରତି ଆହ୍ୱାନ

ପୃଥିବୀର ଏକ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରଭାବେ ଆମେ ଗର୍ବିତ । ପଞ୍ଚଷଠି ବର୍ଷଧରି ନିର୍ବାଚନ ପ୍ରକ୍ରିୟା, କେନ୍ଦ୍ର ଓ ରାଜ୍ୟ ସ୍ତରରେ ଶାନ୍ତିପୂର୍ଣ୍ଣଭାବେ ସରକାର ମାନଙ୍କର ପରିବର୍ତ୍ତନ ଓ ନାଗରିକମାନଙ୍କର ଧର୍ମଗତ, ବଚନ ଓ ଅଭିବ୍ୟକ୍ତି ଓ ମୁକ୍ତ ଭ୍ରମଣ କ୍ଷେତ୍ରରେ ଉପଲବ୍ଧ ବ୍ୟକ୍ତି ସ୍ୱାଧୀନତା ପ୍ରଭୃତି ଦେଖି ଆସିଛୁ । ଆମ ଦେଶ ସାମାଜିକ ଓ ଅର୍ଥନୈତିକ ସ୍ତରରେ ପ୍ରଗତି ହାସଲ କରି ଚାଲିଛି । ପ୍ରଚଳିତ ଅସମତା, ଅନ୍ୟାୟ ଓ ଲୋକଙ୍କ ଆଶା ପୂରଣ ନହେବା ପ୍ରଭୃତି କ୍ଷେତ୍ରରେ ଆମେ ପ୍ରତିବାଦ ଶୁଣୁଛୁ । ସାଧାରଣ ଜନତା ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ଅଛନ୍ତି ବୋଲି ଭାବି ପାରୁ ନାହାନ୍ତି । ଏଭଳି କାହିଁକି ଘଟୁଛି ବୋଲି ତୁମେ ପଚାରିପାର । ଗଣତନ୍ତ୍ର ଶାସନ ଅର୍ଥ ଏହା ଲୋକମାନଙ୍କର ଶାସନ, ଲୋକମାନଙ୍କ ପାଇଁ ଓ ଲୋକମାନଙ୍କ ଦ୍ୱାରା ଶାସନ ବ୍ୟବସ୍ଥାକୁ ବୁଝାଏ । ଉକ୍ତ ବିଷୟକୁ ତୁମେ ପୂର୍ବ ଅଧ୍ୟାୟରେ ପଢ଼ିଅଛ । ତେଣୁ ଗଣତନ୍ତ୍ର ଅର୍ଥ ନିର୍ବାଚନ ପ୍ରକ୍ରିୟାରେ ସିମୀତ ନୁହେଁ, ଏହା ଜନସାଧାରଣଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶରେ ସହାୟକ ହୋଇଥାଏ । ଭାରତରେ ଗଣତନ୍ତ୍ର ଶାସାନର ବିଭିନ୍ନ ଦିଗ, ଏହାର ସଫଳ କାର୍ଯ୍ୟକାରୀତା ତଥା ଉକ୍ତ ଶାସନ ବ୍ୟବସ୍ଥାର ବିଭିନ୍ନ ସମସ୍ୟା ଓ ଆହ୍ୱାନର ଉପଯୁକ୍ତ ମୁକାବିଲା ପାଇଁ ଆମେ ସର୍ବଦା ବିତର୍କ କରିଚାଲିଛୁ । ଦେଶର ପ୍ରଗତି ଓ ସମସ୍ୟାର ଆଶୁ ସମାଧାନ ସମ୍ପର୍କରେ ଆମେ ଏହି ଅଧ୍ୟାୟରେ ଆଲୋଚନା କରିବା ।


## ଉଦ୍ଦେଶ୍ୟ

ଏହି ଅଧ୍ୟାୟର ପଠନ ପରେ,

- ତୁମେ ଗଣତନ୍ତ୍ରର ଅର୍ଥ ଓ ଏହାର ବିଭିନ୍ନ ଉପାଦାନ ସମ୍ପର୍କରେ ପରିଚିତ ହୋଇପାରିବ ।
- ଭାରତରେ ଗଣତନ୍ତ୍ରର ଉପକ୍ରମ ଓ ବିକାଶର ବିଭିନ୍ନ ଦିଗ ବିଷୟରେ ଧାରଣା ହେବ ।
- ଭାରତୀୟ ଗଣତନ୍ତ୍ରର ମୁଖ୍ୟ ସମସ୍ୟା ଓ ଆହ୍ୱାନ ସମ୍ବନ୍ଧରେ ଜ୍ଞାନ ଲାଭ ହେବ ।
- ଭାରତୀୟ ଗଣତାନ୍ତ୍ରୀକ ବ୍ୟବସ୍ଥାର ସଫଳତା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାର ଆବଶ୍ୟକତା ଉପଲବ୍ଧ କରିବା ।
- ସଫଳ ଗଣତାନ୍ତ୍ରି ବ୍ୟବସ୍ଥାରେ ନାଗରୀକମାନଙ୍କ ଭୂମିକା ବିଷୟରେ ଅବଗତ ହେବା ।

## ୨୩.୧ ବୁଝାମଣାଭିତ୍ତିକ ଗଣତନ୍ତ୍ର

ବୁଝାମଣାଭିତ୍ତିକ ଗଣତନ୍ତ୍ର ପାଇଁ କେଉଁ କାରଣଗୁଡ଼ିକ ଉଲ୍ଲେଖନୀୟ ବର୍ଣ୍ଣନା କର ଯାହା ଏହା ଭାରତୀୟ ଗଣତନ୍ତ୍ର ପାଇଁ ହେଉଥିବା ଆହ୍ୱାନଗୁଡିକୁ ସାମ୍ନା କରିବାରେ ସାହାଯ୍ୟ କରିବ।




ଚିତ୍ର - ୨୩.୧, ପ୍ରକୃତ ଗଣତନ୍ତ୍ର କ'ଣ ?

### ୨୩.୧.୧ ଗଣତନ୍ତ୍ରର ଅର୍ଥ

ଗଣତନ୍ତ୍ର ଏକ ଜନପ୍ରିୟ ଶବ୍ଦ। ଏହା ଅର୍ଥ ବର୍ଣ୍ଣନା କଲେ, ଏକ ଜଣାଶୁଣା ଇଂରାଜୀ ସଂଜ୍ଞା ଉଦ୍ଧାର କରାଯାଇପାରେ । "ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ" ଶାସନ ବ୍ୟବସ୍ଥା । ତୁମେ ଜାଣ କି, ଏହା କିଏ କହିଥିଲେ ? ଏହି ଉକ୍ତି କେବଳ ଗଣତନ୍ତ୍ରର ରାଜନୈତିକ ଦୃଷ୍ଟି କୋଣକୁ ଗୁରୁତ୍ୱ ଦିଏ । କିନ୍ତୁ ଶୃଙ୍ଖଳିତ, ସାମାଜିକ ଓ ବ୍ୟକ୍ତିଗତ ଜୀବନ ପାଇଁ ଏହା ବିଶେଷ ଉପଯୋଗୀ ନୁହେଁ। ଗଣତନ୍ତ୍ର ଶବ୍ଦଟି ଗ୍ରୀକ ଶବ୍ଦ ଡେମୋସ ଓ କ୍ରାଟୋସ୍ ଶବ୍ଦରୁ ସୃଷ୍ଟି ହୋଇଛି। ଜନସାଧାରଣ ଉକ୍ତ ଶାସନ ବ୍ୟବସ୍ଥାର ମୂଳ ଆଧାର। ଏମାନେ ପ୍ରତ୍ୟେକ୍ଷ କିମ୍ବା ପରୋକ୍ଷ ବ୍ୟବସ୍ଥାରେ ସରକାର ଗଠନ କରିଥାନ୍ତି।

### ଅଭ୍ୟାସ ୨୩.୧

ଗଣତନ୍ତ୍ରର ଅର୍ଥ ବିଭିନ୍ନ ଓ ବ୍ୟାପକଭାବେ ଆଲୋଚିତ ହେଉଛି । ଲର୍ଡ଼ ବ୍ରାଇସଙ୍କ ମତରେ "ଗଣତନ୍ତ୍ର ବାସ୍ତବରେ ସମୁଦାୟ ଲୋକଙ୍କ ସେହି ଶାସନରୁ ଅଧିକ କିମ୍ବା କମକୁ ବୁଝାଏ ନାହିଁ, ଯାହା ସେମାନେ ମତଦାନ ବଳରେ ନିଜର ସାର୍ବଭୌମ ଇଚ୍ଛାର ପରିପ୍ରକାଶ ଦ୍ୱାରା ପ୍ରତିଷ୍ଠା କରନ୍ତି ।"

ମାକ୍ ଆଇଭରଙ୍କ ମତରେ, ଗଣତନ୍ତ୍ର ସଂଖ୍ୟାଧିକ କିମ୍ବା ଅନ୍ୟକିଛି ପ୍ରକ୍ରିୟାର ଶାସନ ବ୍ୟବସ୍ଥା ବା ମାଧ୍ୟମ ନୁହେଁ, କିନ୍ତୁ ମୁଖ୍ୟତଃ କିଏ ଶାସକ ? କେଉଁ ଲକ୍ଷ୍ୟ ପାଇଁ ଏହା ନିଶ୍ଚିତ କରିଥାଏ । ଉପରଲିଖିତ ସଂଜ୍ଞାରେ ଗଣତନ୍ତ୍ରର କେଉଁ ଉପଦାନ ବିଷୟରେ କୁହାଯାଇଛି, ସାମାଜିକ, ରାଜନୈତିକ କିମ୍ବା ବ୍ୟକ୍ତିଗତ ?

ଗଣତନ୍ତ୍ର, ଡ଼ିମୋସ ଓ କ୍ରାସିଆ ନାମକ ଦୁଇଟି ଗ୍ରୀକ୍ ଶବ୍ଦ ସମିଶ୍ରଣରେ ସୃଷ୍ଟି । ଏହାର ଅର୍ଥ, ଗଣତନ୍ତ୍ର ହେଉଛି ଏକ ସରକାର ବା ଶାସନ ବ୍ୟବସ୍ଥା । ଏହି ବ୍ୟବସ୍ଥାରେ ଜନସାଧାରଣ ସର୍ବୋଚ୍ଚ କ୍ଷମତାର ଅଧିକାରୀ । ଉକ୍ତ ଶାସନ ପୁରାତନ ଯୁଗରେ ଗ୍ରୀକ୍‌ର ଆଥେନସ୍ ପ୍ରଭୃତି ନଗର ରାଜ୍ୟମାନଙ୍କରେ ପ୍ରଚଳିତ ଥିଲା । ବର୍ତ୍ତମାନ ଗଣତନ୍ତ୍ର ଶାସନରେ ଜନସାଧାରଣ ସେମାନଙ୍କର ପ୍ରତିନିଧିମାନଙ୍କୁ ପ୍ରତ୍ୟକ୍ଷ ମତଦାନ ମାଧ୍ୟମରେ ନିର୍ବାଚନକରି ଶାସନ ପରିଚାଳନା କରନ୍ତି । କିନ୍ତୁ ପୁରାତନ କାଳରେ ଲୋକମାନେ ପ୍ରତ୍ୟକ୍ଷ ଭାବେ ଶାସନ କରୁଥିଲେ । ପ୍ରତି ରାଜ୍ୟ ବିଧାନସଭା ଓ ଲୋକସଭାର ସଦସ୍ୟମାନେ ଲୋକମାନଙ୍କ ଦ୍ୱାରା ନର୍ବାଚିତ ସଦସ୍ୟ । ଇଂଲଣ୍ଡ ସଂସଦର ଉପର ସଭା (**House of Lords**)ର ସଦସ୍ୟମାନଙ୍କୁ କେବଳ ମନୋନୀତ କରାଯାଏ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ସମସ୍ତ କାର୍ଯ୍ୟପାଳକ ସଦସ୍ୟମାନେ ଜନସାଧାରଣଙ୍କ ପ୍ରତିନିଧି ଅଟନ୍ତି । ପୃଥିବୀରେ ଇଂଲଣ୍ଡ ସଦୃଶ ଅନେକ ଦେଶ ଅଛି, ଯାହାର ଶାସନ ମୁଖ୍ୟଙ୍କୁ ବଂଶାନୁକ୍ରମିକ ଭାବେ ନିଯୁକ୍ତି ମିଳେ । ତେଣୁ ଆମେ ବୁଝିବାଯେ, ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସାମାଜିକ, ରାଜନୈତିକ, ଅର୍ଥନୈତିକ ଓ ସଂସ୍କୃତିକ ଗଣତନ୍ତ୍ର ପ୍ରତିଷ୍ଠା କରାଯାଇ ଜନସାଧାରଣଙ୍କ ଆଶା ଆକାଂକ୍ଷା ପୂରଣ କରାଯାଇଥାଏ । ଭାରତକୁ ଏକ ଗଣତାନ୍ତ୍ରିକ ରାଷ୍ଟ୍ର କହିବା ଅର୍ଥ ଏହି ଦେଶର ପ୍ରତ୍ୟେକ ନାଗରିକ ଗଣତାନ୍ତ୍ରିକ ମୂଲ୍ୟବୋଧ ଯଥା – ଆଇନ, ସ୍ୱତନ୍ତ୍ରତା, ସମାନତା, ଅଧିକାର, ନ୍ୟାୟ ଓ ଭାତୃଭାବ ବିଚାରଧାରାରେ ବିଶ୍ୱାସ ରଖନ୍ତି ।

ଯାହାହେଉ, ବର୍ତ୍ତମାନ ଗଣତନ୍ତ୍ରର ଅର୍ଥର ବ୍ୟାପକତାର ଯଥେଷ୍ଟ ବୃଦ୍ଧି ଘଟିଛି। ଏହାକୁ ଏକ ସରକାର, ଏକ ପ୍ରକାରର ରାଜ୍ୟ, ଏକପ୍ରକାର ସାମାଜିକ ପ୍ରକ୍ରିୟା, ଏକ ଅର୍ଥନୈତିକ ଶୃଙ୍ଖଳିତ ଅବସ୍ଥା ଓ ଜୀବନ ସଂସ୍ଥାନର ବାଟ ମଧ୍ୟ କୁହାଯାଇପାରେ।

## ଅଭ୍ୟାସ ୨୩.୧

ସୁନିଲ ଏମ୍.ଏ ପଢୁଥିବା ଗୋଟିଏ ବଡ଼ ପରିବାରର ପିଲା। ତା'ର ଜେଜେ ବାପା ତା'ର ୧୫ବର୍ଷିଆ ଭଉଣୀ ପାଇଁ ଏକ ବିବାହ ପ୍ରସ୍ତାବ ଠିକ୍ କରିଛନ୍ତି। ବରଟିର ବୟସ ୧୯ବର୍ଷ, ସେ ଦ୍ୱାଦଶ ଶ୍ରେଣୀରେ ପଢ଼େ । ସୁନିଲ କିମ୍ବା ତା'ର ପିତାମାତା କେହି ଏ ବିବାହ ସପକ୍ଷରେ ନାହାନ୍ତି। ସେମାନେ ନିଜର ମତାମତକୁ ପ୍ରକାଶ କରିପାରୁ ନାହାନ୍ତି କି ଜେଜେ ବାପା ସେମାନଙ୍କର କୌଣସି ମତାମତ ଜାଣିବା ପାଇଁ ଇଚ୍ଛା କରିନାହାନ୍ତି। ତମେ ଭାବୁଛ କି, ସୁନିଲ ପରିବାର ସଦସ୍ୟମାନଙ୍କ ନିଷ୍ପତ୍ତି ଗଣତାନ୍ତ୍ରିକ ଅଟେ।

ନିମ୍ନରେ ଦିଆଯାଇଥିବା ବାକ୍ୟଗୁଡ଼ିକ ମଧ୍ୟରୁ କେଉଁଟି ଗ୍ରହଣୀୟ ଓ କେଉଁଟି ନୁହେଁ ଓ କାହିଁକି ?

୧. ସୁନିଲ ପରିବାରର ୧୫ବର୍ଷିଆ ଝିଅର ବିବାହ ପ୍ରସ୍ତାବ ବେଆଇନ, ଅସଙ୍ଗତ ଓ ଗ୍ରହଣୀୟ ନୁହେଁ।

୨. ପରିବାର ମୁଖ୍ୟଙ୍କ ଏଭଳି ଏକତରଫା ନିଷ୍ପତ୍ତି ଦ୍ୱାରା ଝିଅ ଓ ଅନ୍ୟ ସଦସ୍ୟମାନେ ପ୍ରଭାବିତ ହେବେ। ଏଭଳି ନିଷ୍ପତ୍ତି, ପରମ୍ପରା କ୍ରମେ ବହୁକାଳରୁ ନିଆଯାଉଛି। ଏହା ସୂଚନା ଦେଉଛି ଯେ, ଆମର ସାମାଜିକ ଚଳନିରେ ଏଭଳି କିଛି ଅଗଣତାନ୍ତ୍ରିକ ନିଷ୍ପିତ୍ତି ନିଆଯାଏ।

୩. ଏହି ପରିବାରର ସମସ୍ତ ସଦସ୍ୟଙ୍କର ବ୍ୟବହାର ଅଗଣତାନ୍ତ୍ରିକ। କାରଣ ସେମାନେ ଉକ୍ତ ନିଷ୍ପତ୍ତି ବିରୁଦ୍ଧରେ ନିଜର ବ୍ୟକ୍ତିଗତ ମତାମତ ଦେବାର ସାହସ ସେମାନଙ୍କ ପାଖରେ ନଥିଲା।

## ୨୩.୧.୨ ଗଣତନ୍ତ୍ର ପାଇଁ ଆବଶ୍ୟକୀୟ ସର୍ତ୍ତ

ଗଣତନ୍ତ୍ରର ସଫଳତା ପାଇଁ ମୁଖ୍ୟତଃ ରାଜନୈତିକ ଓ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଉଚିତ୍ ।

ରାଜନୈତିକ ଗଣତନ୍ତ୍ର ଏକ ମୁକ୍ତ ସମାଜ ଓ ଆଦର୍ଶ ରାଷ୍ଟ୍ରର ପରିକଳ୍ପନା କରେ। ଏଥିପାଇଁ ଏକ ଲିଖିତ ସମ୍ବିଧାନର ଆବଶ୍ୟକୀୟତା ଥାଏ। ସାଧାରଣ ଜନତାଙ୍କ ମୌଳିକ ଅଧିକାରଗୁଡ଼ିକ ଯଥା ସମାନତା, ଆଇନର ଶାସନ, ନ୍ୟାୟ ଓ ବାକ୍ ସ୍ୱାଧୀନତା ପ୍ରଭୃତି ସମ୍ବିଧାନ ଦ୍ୱାରା ସୁରକ୍ଷିତ ହୁଏ। ସାର୍ବଜନୀନ ସାବାଳକ ଭୋଟ ପ୍ରଥା ଗଣତନ୍ତ୍ରର ମୂଳ ଆଧାର। ଏହା ନାଗରିକମାନଙ୍କ ମଧ୍ୟରେ ରାଜନୈତିକ ସଚେତନତା ସୃଷ୍ଟି କରେ ଓ ଦେଶ ଗଠନ ପାଇଁ ଅନେକ ସୁବିଧାସୁଯୋଗ ପ୍ରଦାନ କରେ। ଗଣତନ୍ତ୍ରରେ ଏକ ଉତ୍ତରଦାୟୀ ସରକାର କାର୍ଯ୍ୟ କରିବା ଉଚିତ। ନିରପେକ୍ଷ ସ୍ୱାଧୀନ ନ୍ୟାୟପାଳିକା ଗଣତନ୍ତ୍ର ପାଇଁ ଅତ୍ୟନ୍ତ ଜରୁରୀ। ଉନ୍ନତ ଓ ସୁସଂଗଠିତ ଦଳୀୟ ବ୍ୟବସ୍ଥା ଗଣତନ୍ତ୍ରକୁ ଠିକ୍ ବାଟରେ ପରିଚାଳିତ କରେ। ଏମାନେ ସାମ୍ବିଧାନିକ ବ୍ୟବସ୍ଥା ଓ ପରମ୍ପରା ଅନୁସାରେ ନାଗରିକମାନଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେବେ। ସୁସଂଗଠିତ, ନିରପେକ୍ଷ ଓ ପ୍ରଗତିଶୀଳ ଜନମତ ମଧ୍ୟ ଗଣତନ୍ତ୍ରର ସଫଳତା ପାଇଁ ଜାଗ୍ରତ ପ୍ରହରୀ ସଦୃଶ କାର୍ଯ୍ୟ କରେ।

ଗଣତନ୍ତ୍ରର ସଫଳତା ପାଇଁ ଉନ୍ନତ ସାମାଜିକ ରାଜନୈତିକ ଓ ସାଂସ୍କୃତିକ ପରମ୍ପରା ସହାୟକ ହୋଇଥାଏ । ପ୍ରତ୍ୟେକ ନାଗରିକ ସମାନ ସୁବିଧାସୁଯୋଗ ଉପଭୋଗ କରନ୍ତି । ସେମାନଙ୍କ ସାମାଜିକ ସୁରକ୍ଷା ଓ ଉନ୍ନତ ସାର୍ବଜନୀନ ଶିକ୍ଷା ବ୍ୟବସ୍ଥାକୁ ଅଗ୍ରାଧିକାର ଦିଆଯାଏ । ଅର୍ଥନୈତିକ ଗଣତନ୍ତ୍ର ଏକ ସମାଜବାଦୀ ରାଷ୍ଟ୍ରର ରୂପବିନ୍ୟାସ କରେ । ଏହି ବ୍ୟବସ୍ଥାରେ ଅର୍ଥନୈତିକ ସମାନତା ଓ ନ୍ୟାୟ ପ୍ରାଧାନ୍ୟ ଲାଭ କରେ । ଅର୍ଥନୈତିକ ଗଣତନ୍ତ୍ର ବିନା ରାଜନୈତିକ ଗଣତନ୍ତ୍ର ନିରର୍ଥକ । ଉଭୟଙ୍କ ମିଳନରେ ଏକ ବାସ୍ତବ ଗଣତନ୍ତ୍ର ପ୍ରତିଷ୍ଠା ସମ୍ଭବ ନୁହେଁ ।

### ଅଭ୍ୟାସ ୨୩.୩

ଭାରତୀୟ ଗଣତନ୍ତ୍ରର ଦୃଶ୍ୟପଟରୁ ୨ଟି ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ସର୍ତ୍ତ ନିମ୍ନରେ ଲେଖ । ଯାହା ବର୍ତ୍ତମାନର ଗଣତନ୍ତ୍ର ବ୍ୟବସ୍ଥାରେ ଦୁଇଟି ଥିବ ଓ ଦୁଇଟି ସର୍ତ୍ତ ନଥିବ । ତୁମ ପାଇଁ ଏକ ଉଦାହରଣ ନିମ୍ନରେ ଦିଆଯାଇଛି ।

| ସର୍ତ୍ତ | ପ୍ରକାର | ଉପସ୍ଥିତ / ଅନୁପସ୍ଥିତ |
|---|---|---|
| ୧. ସମାନ କାମ ସମାନ ଦରମା | ସାମାଜିକ, ଅର୍ଥନୈତିକ | ଅନୁପସ୍ଥିତ |
| | | |
| | | |
| | | |

## ପାଠଗତ ପ୍ରଶ୍ନାବଳୀ ୨୩.୧

୧. ରାଜନୈତିକ ଦୃଷ୍ଟିକୋଣରୁ ଗଣତନ୍ତ୍ରର ସଂଜ୍ଞା ନିରୂପଣ କର ।

୨. ତୁମେ ଭାବୁଛ କି, ବ୍ୟକ୍ତିର ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସାମାଜିକ ନ୍ୟାୟ ବିନା ଗଣତାନ୍ତ୍ରିକ ବ୍ୟବସ୍ଥା ଅସମ୍ପୂର୍ଣ୍ଣ ରହେ ।

୩. ଯେ କୌଣସି ଦୁଇଟି ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ସର୍ତ୍ତ ବିଷୟରେ ବର୍ଣ୍ଣନା କର ।

## ୨୩.୨ ଆହ୍ୱାନ ଭାରତୀୟ ଗଣତନ୍ତ୍ର ପାଇଁ

ଭାରତୀୟ ଗଣତନ୍ତ୍ରରେ ଅନେକ ସଫଳ ଗଣତାନ୍ତ୍ରିକ ଉପାଦାନ ଦୃଷ୍ଟିଗୋଚର ହୁଏ । ଏହାର ସମ୍ବିଧାନ ପୃଥିବୀରେ ବୃହତ୍ତମ ଓ ଏହା ଯେ କୌଣସି ପରିବର୍ତ୍ତିତ ପରିସ୍ଥିତିରେ କାର୍ଯ୍ୟ କରିଚାଲିଛି । ପ୍ରତ୍ୟେକ ରାଜନୈତିକ ଦଳ ଓ ବ୍ୟବସ୍ଥାପକ ସଦସ୍ୟମାନଙ୍କ ପାଇଁ ଆବଶ୍ୟକସ୍ଥଳେ ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରେ । ଗଣତନ୍ତ୍ରର ସୂଚକ (**Index**) ଜରିଆରେ, ଅର୍ଥନିତିଜ୍ଞମାନେ ପୃଥିବୀର ବିଭିନ୍ନ ଦେଶକୁ ଗଣତାନ୍ତ୍ରିକ ପ୍ରକ୍ରିୟାର ସ୍ୱଚ୍ଛତା ଓ ନିରପେକ୍ଷତାକୁ ବିଚାରକରି ଏକ ପଦ (**Rank**) ଦେଇଥାନ୍ତି ।୨୦୦୮ କ୍ରମ ଅନୁସାରେ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ଦ୍ୱିତୀୟସ୍ଥାନ ଅଧିକାର କରିଥିଲା । ଗଣତନ୍ତ୍ର ଦାୟିତ୍ୱ ସମ୍ପୂର୍ଣ୍ଣ ସରକାର ପ୍ରତିଷ୍ଠାକରେ । ସାମୟିକ ଓ ନିୟମିତ ସମୟ ବ୍ୟବଧାନରେ ନିର୍ବାଚନ ଦ୍ୱାରା, ଶାନ୍ତିପୂର୍ଣ୍ଣ ଓ ସାମ୍ବିଧାନିକ ଭାବେ ଗୋଟିଏ ରାଜନୈତିକ ଦଳଠାରୁ ଅନ୍ୟ ଏକ ରାଜନୈତିକ ଦଳକୁ କ୍ଷମତା ହସ୍ତାନ୍ତର କରେ । ଉଦାହରଣ ସ୍ୱରୁପ ଦେଖାଯାଇପାରେ ଯେ, ଆମର ପଡ଼ୋଶୀ ଦେଶ ପାକିସ୍ତାନ, ମିଆଁମାର ଓ ବାଙ୍ଗଲାଦେଶରେ କ୍ଷମତା ହସ୍ତାନ୍ତର ସାମରିକ ବିଦ୍ରୋହ ଦ୍ୱାରା ଘଟିଥାଏ ।

ଗଣତନ୍ତ୍ର ଶାସନରେ କାର୍ଯ୍ୟପାଳକ କ୍ଷମତା ବ୍ୟବସ୍ଥାପକ କ୍ଷମତା ଓ ନ୍ୟାୟିକ କ୍ଷମତାର ସମ୍ମିଶ୍ରଣ ଓ ବୁଝାମଣାରେ ଦେଶଶାସନ ଚାଲେ । କାର୍ଯ୍ୟପାଳକମାନେ ବ୍ୟବସ୍ଥାପକ ସଦସ୍ୟମାନଙ୍କର ବିଶ୍ୱାସଭାଜନ ପର୍ଯ୍ୟନ୍ତ କ୍ଷମତାରେ ତିଷ୍ଠି ରହନ୍ତି ।୨୦୦୫ ସୂଚନା ଆଇନ ଦ୍ୱାରା ଜନସାଧାରଣ ସରକାରଙ୍କଠାରୁ ସମସ୍ତ ଆବଶ୍ୟକ ସୂଚନା ଓ ଘଟଣା ସମ୍ପର୍କରେ ଅବଗତ ହୁଅନ୍ତି ଓ ଜରୁରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି । ଗଣତନ୍ତ୍ର ସରକାର ଜନମତ ଉପରେ ପ୍ରତିଷ୍ଠିତ ଓ ଜନମତ ଦ୍ୱାରା ପରିଚାଳିତ । ନିର୍ବାଚିତ ବ୍ୟବସ୍ଥାପକ ସଦସ୍ୟ ଓ ସ୍ୱାଧୀନ ଗଣମାଧ୍ୟମ ଦ୍ୱାରା ଜନମତ ସୃଷ୍ଟିହୁଏ । ଦେଶର ଅର୍ଥନୈତିକ ଓ ସାମାଜିକ ବ୍ୟବସ୍ଥାରେ ଉନ୍ନତି ଆଣିବାରେ ସହାୟକ ହୁଏ ।

ଏ ସବୁ ସତ୍ତ୍ୱେ, ଦେଶ ଅନେକ ସମସ୍ୟାକୁ ସାମ୍ନା କରିବାକୁ ପଡୁଛି । ଏହା ଆମପାଇଁ ଏକ ଆହ୍ୱାନ ସଦୃଶ ଅଟେ । ଏହି ସମସ୍ୟାମାନଙ୍କ ମଧ୍ୟରେ ଅର୍ଥନୈତିକ ଶିଥିଳତା, ପରିବେଶର ଅସନ୍ତୁଳିତ ଅବସ୍ଥା ସମଗ୍ର ପୃଥିବୀର ଗଣତନ୍ତ୍ର ପ୍ରତି ଏକ ବିରାଟ ବିପଦ ରୁପେ ଦେଖାଦେଇଛି । ସ୍ୱାଧୀନତା ପରେ ଭାରତୀୟ ଗଣତନ୍ତ୍ର, ସାଧାରଣ ଲୋକଙ୍କ ଜୀବନଧାରଣ ମାନର ସେଭଳି କିଛି ଚମକପ୍ରଦ ପରିବର୍ତ୍ତନ କରିପାରିନାହିଁ । ଧନୀ ଓ ଦରିଦ୍ରଙ୍କ ଭିତରେ ଅସମତା ବଢ଼ିଚାଲିଛି । ନିମ୍ନରେ ପ୍ରଦତ୍ତ କେତେକ ନିର୍ଦ୍ଦିଷ୍ଟ କାରଣ ଭାରତୀୟ ଗଣତନ୍ତ୍ର ପାଇଁ ବିରାଟ ବଡ଼ ଆହ୍ୱାନ ସୃଷ୍ଟିକରିଛି । ଏମାନଙ୍କମଧ୍ୟରୁ ମୁଖ୍ୟ ଆହ୍ୱାନଗୁଡ଼ିକର ଆଲୋଚନା କରାଯାଇଛି ଯାହା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବ ।

## ୨୩.୨.୧ ନିରକ୍ଷରତା

ଗଣତନ୍ତ୍ରର ସଫଳତା ନିମନ୍ତେ ଦେଶରେ ବ୍ୟାପକ ଲୋକ ଶିକ୍ଷାର ଅଭାବ ରହିଛି । ସାର୍ବଜନୀନ ଶିକ୍ଷା ବ୍ୟବସ୍ଥା ସ୍ୱାଧୀନତା ପରେ ବି ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ । ଯେହେତୁ ଗଣତନ୍ତ୍ର ପାଇଁ ଜନ ସଂପୃକ୍ତିର ଆବଶ୍ୟକତା ଅଛି, ତେଣୁ ଶାସନର ବିଭିନ୍ନ ସ୍ତର ଓ ବ୍ୟବସ୍ଥା ଉପରେ ଜନସାଧାରଣଙ୍କର ଧାରଣା ଓ ବୁଝାମଣା ରହିବା ଉଚିତ୍ । ଉପଯୁକ୍ତ ଶିକ୍ଷା ବିନା ଏସବୁ ସମ୍ଭବ ନୁହେଁ । ଶିକ୍ଷା, ଜ୍ଞାନ ଓ ସୂଚନା ପ୍ରଦାନ କରେ, ବିଚାରଶକ୍ତି ଓ ଯୁକ୍ତିବାଦୀ ଚେତନା ଜାଗ୍ରତ କରେ । ଏହା ହିଁ ପ୍ରକୃତ ଗଣତନ୍ତ୍ରର ଅସଲ ଚାବିକାଠି ।

ଭାରତରେ ୧୯୫୧ ମସିହାରେ ପୁରୁଷ ସ୍ୱାକ୍ଷର ହାର ୧୮.୩୩ ଓ ମହିଳା ସ୍ୱାକ୍ଷର ହାର ୮.୯ ଥିଲା ତଥାପି ଭାରତୀୟ ମତଦାତାମାନେ ସେମାନଙ୍କର ମତଦାନ ଅଧିକାରକୁ ଯଥା ସମ୍ଭବ ଠିକ୍ ବାଟରେ ପରିଚାଳିତ କରିଛନ୍ତି । ଅନେକ ଗଣତାନ୍ତ୍ରିକ ସରକାରକୁ ଶାନ୍ତିପୂର୍ଣ୍ଣ ଭାବେ ପରିବର୍ତ୍ତନ କରାଯାଇଛି । ଉଦାହରଣ ସ୍ୱରୂପ ୧୯୭୦ ଦଶକରେ ତତ୍କାଳୀନ ଭାରତୀୟ ଜାତୀୟ କଂଗ୍ରେସର ଶକ୍ତିଶାଳୀ ନେତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧିଙ୍କୁ ଜରୁରୀକାଳୀନ ଆଇନର ଅପବ୍ୟବହାର ପାଇଁ ମତଦାତା ମାନେ ଜନତାପାର୍ଟିକୁ କେନ୍ଦ୍ରରେ ସରକାର ଗଠନ ପାଇଁ ନିର୍ବାଚନରେ ଜୟଯୁକ୍ତ କରାଇଥିଲେ । କିନ୍ତୁ ୧୯୭୭ ସାଧାରଣ ନିର୍ବାଚନ କଂଗ୍ରେସ ଦଳକୁ ପ୍ରତ୍ୟାଖ୍ୟାନ କରି ଜନତାଦଳକୁ ସରକାର ଗଢ଼ିବା ପାଇଁ ସୁଯୋଗ ପ୍ରଦାନ କରି ଥିଲେ । ପରବର୍ତ୍ତୀ ସମୟରେ ୧୯୮୪ ଓ ୧୯୮୯ ମସିହାରେ ରାଜୀବଗାନ୍ଧିଙ୍କୁ କେନ୍ଦ୍ରରେ ସରକାର ଗଠନ ପାଇଁ ସୁଯୋଗ ଦେଇଥିଲେ । ଶିକ୍ଷା କେବଳ ନିର୍ବାଚନରେ ଅଂଶଗ୍ରହଣ ପାଇଁ ନାଗରିକକୁ ସଚେତନ କରାଇ ନଥାଏ, ବରଂ ଏହା ସେମାନଙ୍କର ମତଦାନ ଅଧିକାରକୁ ଶୃଙ୍ଖଳିତ ଭାବେ ସାବ୍ୟସ୍ତ କରାଇଥାଏ ।



ଚିତ୍ର ୨୩.୨ ପିଲାମାନେ ଶିକ୍ଷାନେଉଛନ୍ତି


ଶିକ୍ଷା ମୁକ୍ତ, ଉଦାରବାଦୀ, ଯୁକ୍ତିଯୁକ୍ତ, ଉନ୍ନତ ଓ ସୁସ୍ଥ ହେବା ପାଇଁ ପ୍ରେରଣା ଦିଏ । ୨୦୧୧ ଜନଗଣନା ଅନୁସାରେ ସ୍ୱାକ୍ଷର ପୁରୁଷଙ୍କ ହାର ଶତକଡା ୭୪.୪ ଓ ମହିଳା ସ୍ୱାକ୍ଷରକଙ୍କ ହାର ୬୫.୪୬କୁ ବୃଦ୍ଧି ଘଟିଛି ।

## ୨୩.୨୨ ଦାରିଦ୍ର୍ୟ

ଭାରତୀୟ ଗଣତନ୍ତ୍ର ପାଇଁ ଦାରିଦ୍ର୍ୟ ଏକ ମୂଖ୍ୟ ପ୍ରତିବନ୍ଧକ ରୂପେ ଉଭା ହୋଇଛି । ଏହା ସମସ୍ତ ପ୍ରକାରର ଅସମତା ସୃଷ୍ଟିକରେ ଓ ସୁଯୋଗରୁ ବଞ୍ଚିତ କରେ । ସ୍ୱାଧୀନତାର ପୂର୍ବବର୍ତ୍ତୀ ବ୍ରିଟିଶ୍

ଶାସକଙ୍କ ଅମଳରେ ଉକ୍ତ ଦାରିଦ୍ର୍ୟ ଅବସ୍ଥା ଦେଶରେ ଦେଖା ଯାଇଥିଲା । ବର୍ତ୍ତମାନ ଆମ ଦେଶର ଅନେକ ଲୋକ ଦାରିଦ୍ର୍ୟ ସୀମାରେଖାର ତଳେ ଅଛନ୍ତି । ସେମାନଙ୍କର ଖାଦ୍ୟ, ପୋଷାକ ଓ ବାସଗୃହର ଅଭାବପାଇଁ ଦରିଦ୍ର କୁହାଯାଉଥିଲା । ବର୍ତ୍ତମାନ ଭାରତରେ ଦାରିଦ୍ର୍ୟ, ସରକାରୀ ମାପକ ବ୍ୟକ୍ତିର ଦୈନିକ ପୁଷ୍ଟିକର ଖାଦ୍ୟ ଗ୍ରହଣର ପରିମାଣ ଉପରେ ନିର୍ଭରଶୀଳ । ଗ୍ରାମାଞ୍ଚଳର ପ୍ରତ୍ୟେକ ବ୍ୟକ୍ତି ଦୈନିକ ୨୪୦୦ କ୍ୟାଲୋରୀ ଓ ସହରାଞ୍ଚଳର ପ୍ରତ୍ୟେକ ବ୍ୟକ୍ତି ୨୧୦୦ କ୍ୟାଲୋରୀ ଶକ୍ତି ସମ୍ପର୍ଣ୍ଣ ପୁଷ୍ଟିକର ଖାଦ୍ୟ ଖାଇବା ସର୍ବନିମ୍ନ ଅଟେ ।

୧୯୯୦ ଦଶକରେ ଖାଦ୍ୟ ବସ୍ତୁ ବ୍ୟତୀତ ପୋଷାକ, ନିଯୁକ୍ତ, ଆଶ୍ରୟ, ଶିକ୍ଷା ପ୍ରଭୃତିକୁ ଦାରିଦ୍ର୍ୟ ସଙ୍ଗାର ଅନ୍ତର୍ଭୁକ୍ତ କରାଯାଇଛି । ଦାରିଦ୍ର୍ୟତା ପାଇଁ ସାମାଜିକ, ଅର୍ଥନୈତିକ, ରାଜନୈତିକ ଓ ମୌଳିକ ଅଧିକାରର ସ୍ଥାଣୁତା ଅନେକାଂଶରେ ଦାୟୀ । ନିଯୁକ୍ତି ସୁଯୋଗର ଅଭାବ, ବର୍ଦ୍ଧିତ ଜନସଂଖ୍ୟା, ଧନୀ ଓ ଦରିଦ୍ରର ବିଭେଦତା ଦାରିଦ୍ର୍ୟତା ବଢ଼ାଇ ଦେଉଛି ।



ଚିତ୍ର ୨୩.୩ ( ଦାରିଦ୍ର୍ୟ)

**ତୁମେ ଜାଣ କି**

ଆମର ଯୋଜନା ଆୟୋଗଙ୍କ ମତରେ ୨୦୦୪-୦୫ ମସିହାରେ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ହାର ୨୮.୩, ସହରାଞ୍ଚଳରେ ୨୫.୭ ଏବଂ ସମଗ୍ର ଦେଶରେ ଏହି ହାର ୨୭.୫ ଥିଲା । ମିଳିତ ଜାତିସଂଘର ମାନବ ସମ୍ବଳ ବିକାଶ ପରିଷଦ, ୨୦୦୯ ମସିହାର ତଥ୍ୟ ଅନୁସାରେ ୧୮୨ ଟି ଦେଶ ମଧ୍ୟରୁ ଭାରତର କ୍ରମିକ ସ୍ଥାନ ୧୩୪ ଥିଲା । ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ନିଯୁକ୍ତି ଓ ବିକଳ୍ପ ରୋଜଗାର ସୁବିଧା କମ୍‌ଥିବାରୁ ଦରିଦ୍ର ଲୋକଙ୍କ ସଂଖ୍ୟା ବେଶି ଥାଏ । ସହରାଞ୍ଚଳରେ ମଧ୍ୟ ବେକାରୀମାନଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଜନସଂଖ୍ୟା ବୃଦ୍ଧି ଦେଶରେ ଦାରିଦ୍ର୍ୟ ସୃଷ୍ଟିର ଏକ ପ୍ରମୁଖ କାରଣ ଅଟେ । ଜନସାଧାରଣଙ୍କ ଆର୍ଥିକ ସ୍ଥିତି ଦିନକୁ ଦିନ ଖରାପ ଆଡକୁ ଗତିକରୁଛି । ଧନୀ ଓ ଦରିଦ୍ର ମାନଙ୍କ ମଧ୍ୟରେ ଦୂରତା ବଢ଼ିବାରେ ଲାଗିଛି ।

## ୨୩.୨.୩ ଲିଙ୍ଗଗତ ବିଭେଦ

ସମାଜରେ ପୁରୁଷ ଓ ମହିଳାଙ୍କ ମଧ୍ୟରେ ଅସମତା ଓ ପାର୍ଥକ୍ୟ ଗଣତନ୍ତ୍ର ପ୍ରତି ବିପଦ। ପୁରୁଷ ନାରୀ ନିର୍ବିଶେଷରେ ସମସ୍ତେ ସମାନ ସୁବିଧା ସୁଯୋଗ ଉପଭୋଗ ପାଇଁ ସମ୍ବିଧାନରେ ବ୍ୟବସ୍ଥା ରହିଛି। ସମ୍ବିଧାନରେ ଲିଖିତ ମୌଳିକ ଅଧିକାର, ଦାୟିତ୍ୱ ଓ ରାଷ୍ଟ୍ର ନିର୍ଦ୍ଦେଶକ ନୀତି ଉପଭୋଗ କରିବାରେ କୌଣସି ପକ୍ଷପାତିତା କରାଯାଇନାହିଁ।



ଚିତ୍ର ୨୩.୪

କିନ୍ତୁ ସମାଜରେ ପୁରୁଷ ଓ ନାରୀମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବା ସୁସ୍ଥ ଗଣତନ୍ତ୍ରର ପରମ୍ପରା ନୁହେଁ। ୧୯୦୧ ମସିହାଠାରୁ ପୁରୁଷ ଅନୁପାତରେ ନାରୀମାନଙ୍କ ସଂଖ୍ୟା ସମୟକ୍ରମେ କମିଯାଉଛି। ସେ ସମୟରେ ପ୍ରତି ୧୦୦୦ ପୁରୁଷରେ ୯୭୨ ଜଣ ନାରୀ ଥିଲେ। ୧୯୯୧ ମସିହାରେ ପ୍ରତି ୧୦୦୦ ପୁରୁଷରେ ୯୨୭ ନାରୀ ଓ ୨୦୧୧ ଜନଗଣନା ଅନୁସାରେ ହରିୟାନାରେ ନାରୀଙ୍କ ସଂଖ୍ୟା ୮୭୩, ଡାମନଡିୟୁରେ ୬୧୮, ଦିଲ୍ଲୀ (NCT) ରେ ୮୬୬ଜଣ ମହିଳା ଅଛନ୍ତି ବୋଲି ପ୍ରକାଶ କରାଯାଇଛି।

୨୦୧୧ ଜନଗଣନା ଅନୁସାରେ ପିଲାମାନଙ୍କ ଜନ୍ମହାର (୦-୬) ବର୍ଷ ମଧ୍ୟରେ ପ୍ରତି ୧୦୦୦ ପୁରୁଷ ପିଲାରେ ୯୧୪ଜଣ ଝିଅ ପିଲା ଅଛନ୍ତି ଯାହା ୨୦୦୧ ଜନଗଣନା ଅନୁସାରେ ପିଲାମାନଙ୍କ ଜନ୍ମହାର ଠାରୁ ଯଥେଷ୍ଟ କମ୍। (୯୨୭ ଥିଲା)! ଝିଅ ପିଲାଙ୍କ ସଂଖ୍ୟା ସମୟ ବ୍ୟବଧାନରେ କମିଯିବାର ଅନେକ କାରଣ ରହିଛି। ଯଥା : ସମାଜରେ ପୁଅ ପିଲାଙ୍କୁ ଗୁରୁତ୍ୱ ଦିଆଯାଉଛି। ଅତୀତରେ ଝିଅ ପିଲାଙ୍କୁ ଅନାବଶ୍ୟକ ଭାବି ମାରି ଦିଆଯାଉଥିଲା। ଆଧୁନିକ ଯନ୍ତ୍ର ପଦ୍ଧତିରେ ଜନ୍ମ ପୂର୍ବରୁ ପୁରୁଷ କି ଝିଅ ପିଲା ଜଣା ପଡିବାପରେ ମୁଖ୍ୟତଃ ଝିଅ ପିଲାଙ୍କୁ ନଷ୍ଟକରି ଦିଆଯାଉଛି। ତେଣୁ ଝିଅ ମାନଙ୍କ ସଂଖ୍ୟା ପ୍ରତିବର୍ଷ କମିବାରେ ଲାଗିଛି। ସାମ୍ପୁଲ ରେଜିଷ୍ଟ୍ରେସନ (୨୦୦୪-୦୬) ଅନୁସାରେ ମାତୃ ମୃତ୍ୟୁ ହାର ପ୍ରତି ୧ଲକ୍ଷରେ ୨୫୪ ଅଟେ, ଯାହା ନାରୀ ମାନଙ୍କ ସଂଖ୍ୟାକୁ ପ୍ରଭାବିତ କରୁଛି।

## ଅଭ୍ୟାସ ୨୩.୪

ସୋନା ଖାତୁନ୍ ଜଣେ ଆସାମୀ ଝିଅ, ହରିୟାନରେ ବିବାହ କରିଥିଲେ। ସେ ରାଜ୍ୟରେ ଝିଅ ସଂଖ୍ୟା ବହୁତ କମ୍। ଭାରତୀୟ ରେଡକ୍ରସ ସଂସ୍ଥା ଅଧିକ ସଂଖ୍ୟକ ମହିଳା ମୃତ୍ୟୁ ହାରର କାରଣ ସଂପର୍କରେ ଦେଶବ୍ୟାପୀ ପ୍ରଚାର କରୁଥିଲେ, ତାଙ୍କ ସୂଚନା ଅନୁସାରେ, ପ୍ରାୟ ୧୦୦ଜଣ ଝିଅ କନ୍ୟାଙ୍କୁ ଭିଓ୍ୱାନୀ ଅଣାଯାଇଛି। ହରିୟାନାର ୨୧ଟି ଜିଲ୍ଲା ମଧ୍ୟରୁ ଏହା ଅନ୍ୟତମ।

**(ପ୍ରିଣ୍ଟ ସଂସ୍କରଣ ( ଆନ୍ତର୍ଜାତିକ) ଇନକୋନୋମିଷ୍ଟ ମାର୍ଚ୍ଚ, ୨୦୧୦ ରୁ ସଂଗୃହିତ)**

ଉପରଲିଖିତ ସୂଚନା ଅନୁସାରେ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଲେଖ।

୧. ଆସାମୀ ଝିଅ ସୋନା ଖାତୁନ୍ କାହିଁକି ହରିୟାନାରେ ବିବାହ କରିଥିଲେ ?

୨. ତିନୋଟି ରାଜ୍ୟର ନାମ ଲେଖ, ଯେଉଁଠାରେ ଆନୁପାତିକ ମହିଳା ସଂଖ୍ୟା କମ୍।

ଅର୍ଥନୈତିକ ସମତା ଓ ସାମାଜିକ ନ୍ୟାୟରେ ମହିଳାମାନଙ୍କୁ ଉପଯୁକ୍ତ ସ୍ଥାନ ମିଳିବା ଉଚିତ୍। ୨୦୧୧ ଜନଗଣନା ଅନୁସାରେ ମହିଳା ସ୍ୱାକ୍ଷର ହାର ୬୫.୪୬ ଥିବାବେଳେ ପୁରୁଷ ସ୍ୱାକ୍ଷର ହାର ୮୨.୧୪ ପ୍ରତିଶତ ଅଟେ। କିନ୍ତୁ ମହିଳାମାନଙ୍କୁ ସାଧାରଣ ଜୀବନରେ ନିଯୁକ୍ତି ଓ ପ୍ରତିନିଧିତ୍ୱ କ୍ଷେତ୍ରରେ ଅବହେଳା କରାଯାଉଛି। ଦେଶର ୭୩ ଓ ୭୪ ତମ ସମ୍ବିଧାନ ସଂଶୋଧନ ମହିଳା ମାନଙ୍କ ପାଇଁ ବିଭିନ୍ନ ସ୍ୱାୟତ ସଂସ୍ଥା ମାନଙ୍କରେ ୩୩% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରିଛି। ଏହି ସୁବିଧା ସଂସଦ ଓ ବ୍ୟବସ୍ଥାପକ ସଦସ୍ୟ ପଦରେ ଉପଲବ୍ଧ ହେବା ନିମନ୍ତେ ଜାତୀୟ ସ୍ତରରେ ଉଦ୍ୟମ ଚାଲିଛି। କିନ୍ତୁ ଅନେକ ରାଜନୈତିକ ଦଳ ଅଗ୍ରାଧିକାର ଭିତିରେ କୌଣସି ଉଦ୍ୟମ କରୁନାହାନ୍ତି।

**? ତୁମେ ଜାଣ କି**

ବିହାର ରାଜ୍ୟର ପଞ୍ଚାୟତ ଆଇନ ସଂଶୋଧନ ଚିଠା ୨୦୦୬ରେ ମହିଳାମାନଙ୍କ ପାଇଁ ୫୦ଭାଗ ସ୍ଥାନ ସଂରକ୍ଷଣ କରାଯିବାର ବ୍ୟବସ୍ଥା ହୋଇଛି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଉକ୍ତ ରାଜ୍ୟରେ ୫୪ଭାଗ ସ୍ଥାନ ମହିଳାମାନେ ଅଧିକାର କରିଛନ୍ତି ଓ ସମଗ୍ର ରାଜ୍ୟରେ ସେମାନଙ୍କ ସଂଖ୍ୟା ପ୍ରାୟ ୨ ଲକ୍ଷ ଅଟେ। ପଞ୍ଚାୟତ ସତରରେ ଓଡ଼ିଶା, ହିମାଚଳ ପ୍ରଦେଶ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟମାନଙ୍କ ମହିଳା ପାଇଁ ୫୦ ଭାଗ ସ୍ଥାନ ସଂରକ୍ଷଣ କରିଛନ୍ତି।

### ୨୩.୨.୪ ଜାତିପ୍ରଥା

ପୁରାତନ ଯୁଗରେ ବର୍ଣ୍ଣମାନଙ୍କୁ ପ୍ରଦାନ କରାଯାଇଥିବା ବୃତ୍ତି କେବଳ ଶ୍ରମ ବିଭାଜନ ନୀତି ବଳରେ ହୋଇଥିବା ବେଳେ, ଜାତି ମାନଙ୍କୁ ସେମାନଙ୍କ ମୂଳ ବର୍ଣ୍ଣ ସୂତ୍ରରୁ ମିଳୁଥିବା ବୃତ୍ତି, ପରବର୍ତ୍ତି କାଳରେ ଏକ ଜଟିଳ ସାମାଜିକ ବ୍ୟବସ୍ଥା ସୃଷ୍ଟି କରିଛି। ତୁମର ଏହି ସାମାଜିକ

ଜାତିଆଣବାଦ ବିଷୟରେ କିଛି ଅଭିଜ୍ଞତା ଅଛି କି ? ତୁମେ ନିଶ୍ଚିତ ଏକମତ ହେବ ଯେ, ଜାତିପ୍ରଥା ଦ୍ୱାରା ସବୁଠାରୁ ଦୁର୍ଭାଗ୍ୟଜନକ ସୃଷ୍ଟିହେଲା ଅସ୍ପୃଶ୍ୟତା। ସାମ୍ବିଧାନିକ ବ୍ୟବସ୍ଥା ଓ ବିଭିନ୍ନ ସଂସ୍କାରମୂଳକ ଆଇନ ପ୍ରଣୟନ ଓ କଟକଣା ଥାଇବି ଦଳିତମାନଙ୍କୁ ନିଷ୍ପେସିତ କରାଯାଉଛି। ସେମାନଙ୍କୁ ଶିକ୍ଷା, ସାମାଜିକ କ୍ଷେତ୍ରରୁ ମିଳୁଥିବା ସୁବିଧା ଓ ସୁଯୋଗରୁ ବଞ୍ଚିତ କରାଯାଉଛି। ରାଜନୈତିକ କ୍ଷମତା ଦାଖଲ ପାଇଁ କିମ୍ବା ଅର୍ଥନୈତିକ ଓ ଅନ୍ୟାନ୍ୟ ସ୍ୱାର୍ଥ ହାସଲ ନିମନ୍ତେ ଦଳିତମାନଙ୍କୁ ବ୍ୟବହାର କରାଯାଉଛି। ଜାତିପ୍ରଥା, ଗଣତନ୍ତ୍ରକୁ ମୂଳଲକ୍ଷ ପଥରୁ ଦୁରେଇ ଦେଉଛି। ମୌଳିକ ଅଧିକାର ଗୁଡିକ ଯଥା : ସମାନତା, ସ୍ୱାଧୀନତା, ଶୋଷଣ ବିରୋଧି, ଧର୍ମଗତ ସ୍ୱାଧୀନତା ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାରର ଅପବ୍ୟବହାର କରାଯାଇ, ଦଳିତ ମାନଙ୍କୁ ଉକ୍ତ ଅଧିକାର ଉପଭୋଗ କରିବାର ସୁଯୋଗରୁ ବଞ୍ଚିତ କରାଯାଉଛି।

ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଦେଖାଯାଉଥିବା ବୈଷମ୍ୟ ପାଇଁ ଜାତିଆଣବାଦ ମୁଖ୍ୟତଃ ଦାୟୀ। ଆଦିବାସୀ, ହରିଜନ ଓ ଅନ୍ୟ ପଛୁଆ ବର୍ଗର ଲୋକମାନେ ଏହାର ଶିକାର ହେଉଛନ୍ତି। ଭୋଟ ପାଇଁ ଜାତିପ୍ରଥାକୁ ଗୁରୁତ୍ୱ ଦିଆଯାଇଁ ସମାଜର ଅହେତୁକ କ୍ଷତି କରାଯାଉଛି।

## (ଖ) ସାମ୍ପ୍ରଦାୟିକତାବାଦ ଓ ଧାର୍ମିକ ମୌଳିବାଦୀ ଚିନ୍ତାଧାରା

ଭାରତରେ ସାମ୍ପ୍ରଦାୟିକତା ଓ ମୌଳବାଦୀ ଚିନ୍ତାଧାରା ଏକ ଉତ୍କଟ ସମସ୍ୟା ଭାବେ ଉଭା ହୋଇଛି। ସାମ୍ପ୍ରଦାୟିକତା ଭାରତର ଜାତୀୟ ସଂହତି ପାଇଁ ଏକ ଆହ୍ୱାନ। ଏହା ରାଜନୈତିକ ସ୍ଥିରତାକୁ ନଷ୍ଟ କରିବା ସଙ୍ଗେ ସଙ୍ଗେ, ଅତୀତର ଗୌରବାନ୍ୱିତ ଐତିହ୍ୟକୁ ଧ୍ୱଂସ କରିଦିଏ। ସାମ୍ପ୍ରଦାୟିକତାବାଦ କହିଲେ, ମୁଖ୍ୟତଃ ଧାର୍ମିକ ସାମ୍ପ୍ରଦାୟିକତାବାଦକୁ ହିଁ ବୁଝାଏ। ନିଜ ସମ୍ପ୍ରଦାୟକୁ ଭଲପାଇବା ଓ ତାର ଉନ୍ନତି କରିବା କାର୍ଯ୍ୟ ଦୋଷାବହ ନୁହେଁ। କିନ୍ତୁ ଅନ୍ୟ ସମ୍ପ୍ରଦାୟ ପ୍ରତି ବିରୋଧାଭାଷ ପ୍ରକଟ କରିବା ଦଣ୍ଡନୀୟ ଅପରାଧ ଅଟେ। ରକ୍ଷଣଶୀଳତା ସାମାଜିକ ଅନଗ୍ରସରତାକୁ ବୁଝାଏ, କିନ୍ତୁ ଏହାର ଅର୍ଥ ସାମ୍ପ୍ରଦାୟିକତାବାଦ ନୁହେଁ। ବାସ୍ତବରେ ସାମ୍ପ୍ରଦାୟିକତାବାଦ ଯେକୌଣସି ଧାର୍ମିକ ସଂଗଠନର ଭିତ୍ତିଭୂମି ଓ ରାଜନୈତିକ ପୃଷ୍ଟପୋଷକତାର ଚିନ୍ତାଧାରା ଅଟେ। ରକ୍ଷଣଶୀଳ ମୌଳିବାଦୀମାନେ ଗୋଟିଏ ଧାର୍ମିକ ସଂଗଠନ ବିରୁଦ୍ଧରେ ବିକ୍ଷୋଦାଗାର କରନ୍ତି ଓ ତାକୁ ନିଜର ଶତ୍ରୁ ବୋଲି ବିବେଚନା କରନ୍ତି।




୨୩.୫ (ଚିତ୍ର)

ଯଦିଓ ରକ୍ଷଣଶୀଳତା ସାମାଜିକ ଅନଗ୍ରସରତାର ପ୍ରତୀକ, ଏହାର ଅର୍ଥ ସାମ୍ପ୍ରଦାୟିତାବାଦ ନୁହେଁ। ଧାର୍ମିକ ମୌଳିବାଦୀମାନେ ଧର୍ମ ଓ ରାଜନୀତିକୁ ଏକତ୍ର କରିବା ପାଇଁ ସାମ୍ପ୍ରଦାୟିକତାବାଦର ସାହାଯ୍ୟ ନେଇଥାନ୍ତି। ଆମ ରାଜନୈତିକ ଓ ସାମାଜିକ ନିରପତ୍ତା ପାଇଁ ସାମ୍ପ୍ରଦାୟିକ ଚିନ୍ତାଧାରା ଏକ ବିରାଟ ବିପଦ ଅଟେ। ନିକଟ ଅତୀତରେ ଘଟିଥିବା କିଛି ସାମ୍ପ୍ରଦାୟିକତାବାଦର ଚିତ୍ର ମନେ ପକାଇ ପାରୁଛ ?

## ୨୩.୨.୫ ଆଞ୍ଚଳିକ ବାଦ

ମହା ଜାତୀୟ ଚିନ୍ତାଠାରୁ ଦୁରେଇଯାଇ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳପ୍ରତି ଆନୁଗତ୍ୟ ପ୍ରକାଶ କରିବାକୁ ଆଞ୍ଚଳିକବାଦ କୁହାଯାଏ। ଏହା ଅନ୍ୟାନ୍ୟ ଅଞ୍ଚଳସହ ଅସହିଷ୍ଣୁ ପ୍ରତିଯୋଗିତା ଓ ତୁଳନାତ୍ମକ ବିଦ୍ୱେଷ ସୃଷ୍ଟିକରେ। ଆମେ ଯାଣୁ ଯେ, ଭାରତ ବିଭିନ୍ନ ଧର୍ମ, ଭାଷା, ସଂପ୍ରଦାୟ ଓ ସାଂସ୍କୃତିକ ପରିବେଶର ଦେଶ। ଦେଶର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ସଂସ୍କୃତି ଓ ଭାଷାର ଦଳମାନେ ବାସ କରନ୍ତି। ଯଦିଓ ଦେଶର ସମସ୍ତ ଅଞ୍ଚଳର ସାମୁହିକ ଉନ୍ନତି କରିବା ସମସ୍ତଙ୍କର ଲକ୍ଷ, ବେଳେବେଳେ ମୁଣ୍ଡପିଛା ଆୟ, ସ୍ୱାକ୍ଷରତା ହାର, ଶିକ୍ଷା ଓ ସ୍ୱାସ୍ଥ୍ୟର ଭିତ୍ତିଭୂମି, ଶିଳ୍ପ ଓ କୃଷିର ବିକାଶ ମଧ୍ୟରେ ଆଞ୍ଚଳିକ ବୈଷମ୍ୟ ଓ ଅସମାନତା ଦେଖାଯାଏ। ଉକ୍ତ ବିଭେଦତା ବିଭିନ୍ନ ଅଞ୍ଚଳ ମଧ୍ୟରେ ଭେଦଭାବ ସୃଷ୍ଟିକରେ। ଏହି ଆଞ୍ଚଳିକବାଦ ସମୟ ସମୟରେ ପ୍ରଦେଶିକ ସ୍ୱାତନ୍ତ୍ୟ ଓ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବାର ଦାବୀ କରିଥାଏ।

ଏହା ସତ୍ୟ ଯେ, ଆଞ୍ଚଳିକବାଦ ଓ ଉପ ଆଞ୍ଚଳିକବାଦ ଭାରତଭଳି ଏକ ଉପ ମହାଦେଶ ପାଇଁ ଚିନ୍ତାର କାରଣ ଅଟେ। ଏଭଳି ବିଚ୍ଛିନ୍ନତାବାଦୀ ମତବାଦ ଦେଶଦ୍ରୋହୀ ଆଚରଣକୁ ମଧ୍ୟ ବୁଝାଇ ଥାଏ। ବେଳେବେଳେ ଆଞ୍ଚଳିକ ସ୍ୱାର୍ଥକୁ ରାଜନୈତିକ ରୂପଦେଇ ଦେଶରେ ଅସ୍ଥିରତା ସୃଷ୍ଟି କରାଯାଏ। ବିଭିନ୍ନ ଉଗ୍ରବାଦୀ ସଂଗଠନ ମାନେ ଏଭଳି ଚିନ୍ତାଧାରାର ସୁଯୋଗ ନେଇ ସେମାନଙ୍କ ସ୍ୱାର୍ଥ ହାସଲ କରିଥାନ୍ତି। କାଶ୍ମିରରେ ବିଚ୍ଛିନ୍ନତାବାଦୀ ଆନ୍ଦୋଳନ, ଆସାମରେ ମିଳିତ ସଂଗ୍ରାମ ସମିତିର ଆନ୍ଦୋଳନ ଓ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ମାନଙ୍କର ସ୍ୱତନ୍ତ୍ର ରାଜ୍ୟ ଗଠନର ଦାବୀ ଦେଶର ଶାସନ ବ୍ୟବସ୍ଥା ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି।

## ୨୩.୨.୬ ଦୁର୍ନୀତି

ଭାରତର ସାଧାରଣ ଜୀବନଶୈଳୀରେ ଦୁର୍ନୀତି ଦେହସୁଆ ହୋଇଗଲାଣି। ୨୦୧୧ ମସିହାରେ (C.P.I.) ସୌଜନ୍ୟରୁ ୧୮୩ଟି ଦୁର୍ନୀତିରେ ଲିପ୍ତ ଦେଶମାନଙ୍କର ଚିଠାପ୍ରକାଶ କରାଯାଇଥିଲା ଓ ସେଥିରେ ଭାରତର କ୍ରମିକ ନମ୍ବର ୯୫ ଥିଲା। ୨୦୦୯ ମସିହାରେ ମଧ୍ୟ ଆମ ଦେଶର ସ୍ଥାନ ୮୪ ଥିଲା। ଶିକ୍ଷା, ଶିଳ୍ପ, କୃଷି, ଗମନାଗମନ, ପୋଲିସ୍, ସୈନିକ ଓ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ମାନଙ୍କରେ ମଧ୍ୟ ଦୁର୍ନୀତି ତାର ଆସ୍ଥାନ ଜମେଇ ସାରିଲାଣି।

ଦେଶର ବିଚାର ବ୍ୟବସ୍ଥାରୁ କୌଣସି ନିଷ୍ପତ୍ତି ପାଇବା ଯେତିକି ବ୍ୟୟସାପେକ୍ଷ ସେତିକି ବିଳମ୍ବ ମଧ୍ୟ। ନିର୍ବାଚନ ପକ୍ରିୟାରେ ଲାଞ୍ଚଦେଇ ମତଦାତାମାନଙ୍କୁ ପ୍ରଭାବିତ କରିବା ଏକ ସାଧାରଣ ଘଟଣା। ତୁମେ କିମ୍ବା ତୁମର ବଂଧୁମାନେ ଏଭଳି ଘଟଣାମାନ ନିକଟରେ ଅନୁଷ୍ଠିତ

କୌଣସି ନିର୍ବାଚନରେ ଦେଖିଛ କି ? ଆଜିକାଲି ଶାସନବ୍ୟବସ୍ଥାରେ ବହୁ ଲାଞ୍ଚ କାରବାରର ଦୃଷ୍ଟାନ୍ତ ଦେଖାଯାଉଛି। ଏହା ଗଣତନ୍ତ୍ର ଶାସନ ପାଇଁ ବିପଦ। ସ୍ୱଚ୍ଛ, ନିର୍ମଳ ଓ ଦାୟିତ୍ୱବାନ ଶାସକମାନଙ୍କ ପାଇଁ ଦୁର୍ନୀତି ଏକ ଆହ୍ୱାନ। ନିକଟ ଅତୀତରେ ଅନେକ ନିର୍ବାଚନ ସଂପର୍କୀୟ ଦୁର୍ନୀତି ଲୋକଲୋଚନକୁ ଆସିଛି। ରାଜନୈତିକ ଅସ୍ଥିରତା ସୃଷ୍ଟିକରିବାରେ ଏହା ମୂଖ୍ୟତଃ ଦାୟୀ। ଜଣେ ସଚେତନ ନାଗରୀକ ଭାବେ ଆମ୍ଭେମାନେ ଏହି ଅଭ୍ୟାସର ସମାଲୋଚନା କରି ଦେଶରୁ ଦୁରେଇଦେବା ପାଇଁ ସରକାରଙ୍କୁ ସହଯୋଗ କରିବା ଉଚିତ।




ଚିତ୍ର ୨୩.୬ ଦୂର୍ନୀତି ବିରୋଧରେ ଧାରଣା(ସଚେତନତା)

### ୨୩.୨.୭ ରାଜନୀତିରେ ଅପରାଧିକରଣ

ଭାରତୀୟ ରାଜନୀତିରେ ଅପରାଧିକରଣ ଏକ ସବୁଦିନିଆ ସମସ୍ୟା। ଅପରାଧ ସହ ସମ୍ପୃକ୍ତ ଥିବା ଯେ କୌଣସି ନାଗରିକଙ୍କୁ ରାଜନୀତିଠାରୁ ଦୁରେଇ ରଖିବା ପାଇଁ ସମସ୍ତ ନେତୃମଣ୍ଡଳୀ ଚାହାଁନ୍ତି। କିନ୍ତୁ ଦିନ କୁ ଦିନ ଏହି ଅପରାଧିମାନେ ପ୍ରତ୍ୟେକ୍ଷଭାବେ ବିଭିନ୍ନ ରାଜନୈତିକ ଦଳର ସଦସ୍ୟ ହୋଇ ସେମାନଙ୍କ ସଂଖ୍ୟା ବଢ଼ାଇବାରେ ଲାଗିଛନ୍ତି। ୨୦୦୪ ମସିହା ସାଧାରଣ ନିର୍ବାଚନରେ ପ୍ରତି ୫ଜଣରେ ଜଣେ ସଂସଦଙ୍କ ନାମରେ ଅପରାଧ ମାମଲା ଥିଲା। ଅନେକ ଗୁଡିଏ ଘୃଣ୍ୟ ଅପରାଧ ଯଥା : ନରହତ୍ୟା, ଡକାୟତି, ଅପହରଣ, ଚୋରାଚାଲାଣ, ଟଙ୍କା ଆତ୍ମସାତ ଓ ଧର୍ଷଣ ପ୍ରଭୃତି ବହୁ ଜଘନ୍ୟ ଅପରାଧରେ ସେମାନେ ସଂପୃକ୍ତ ଥାଆନ୍ତି। ଏହା ସତ୍ୟ ଯେ, ଭାରତର ପ୍ରତ୍ୟେକ ରାଜନୈତିକ ଦଳ ରାଜନୀତିକୁ ନିଜ ହାତମୁଠାରେ ରଖିବାପାଇଁ ଏହି ଅପରାଧି ମାନଙ୍କ ସାହାଯ୍ୟ ନେଇଥାନ୍ତି। ଅପରାଧିମାନେ ନେତାମାନଙ୍କୁ ରାଜନୀତି ବୈତରଣୀ ପାରି ହେବାପାଇଁ ସହଯୋଗ କରୁଥିବାରୁ ସେମାନେ ସର୍ବଦା ନେତାଙ୍କର ବାହୁଛାୟା ତଳେ ଆଶ୍ରୟ ନେଇଥାନ୍ତି। ବର୍ତ୍ତମାନ ପରିସ୍ଥିତି ବଦଳି ଯାଇଛି। ରାଜନୈତିକ ନେତାମାନେ, ନିଜର ନିରାପତ୍ତା ପାଇଁ ଏଣିକି ଅପରାଧିମାନଙ୍କ ଶରଣାପନ୍ନ ହେଉଛନ୍ତି। ଅପରାଧିକରଣ ଚିନ୍ତାଧାରା, ବ୍ୟବସ୍ଥାପକ ସଦସ୍ୟ ପୋଲିସ୍ ଓ ଅମଲାତନ୍ତ୍ର ପ୍ରଭୃତି ସମସ୍ତ ଶାସନ ବ୍ୟବସ୍ଥାକୁ ଗ୍ରାସ କରିଛି। ବର୍ତ୍ତମାନ କେନ୍ଦ୍ର ସରକାର ଓ ବିଭିନ୍ନ ରାଜ୍ୟ ସରକାର ମାନେ ଅପରାଧୀ ମାନଙ୍କୁ

ରାଜନୀତିରେ ପୁରାଇ ନଦେବା ପାଇଁ ପଦକ୍ଷେପ ନେଉଛନ୍ତି । ଏହା ଗଣତନ୍ତ୍ର ପାଇଁ ଏକ ଶୁଭ ସୂଚନା ।

## ୨୩.୨.୮ ରାଜନୈତିକ ହିଂସା

ହିଂସା ସର୍ବଦା ଆମ ପାଖରେ ଅଛି । କିନ୍ତୁ କୌଣସି ରାଜନୈତିକ ଉଦ୍ଦେଶ୍ୟ ରଖି ହିଂସା ଆଚରଣ କରିବା ଶାସନ ବ୍ୟବସ୍ଥା ପାଇଁ କ୍ଷତିକାରକ, ଆମ ଦେଶରେ ଆମେ ବିଭିନ୍ନ ପ୍ରକାର ହିଂସାର କଦର୍ଯ୍ୟରୂପ ଦେଖିଛେ । ଉକ୍ତ ହିଂସା ମାନଙ୍କ ମଧ୍ୟରୁ ସାମ୍ପ୍ରଦାୟିକ ଦଙ୍ଗା, ଜାତିଆଣ ଗଣ୍ଡଗୋଳ, ରାଜନୈତିକ ସଂଘର୍ଷ ପ୍ରଭୃତି ହିଂସାତ୍ମକ କାର୍ଯ୍ୟ ଜନସାଧାରଣଙ୍କ ପାଖରେ ଅନେକ କ୍ଷତି ପହଞ୍ଚାଇଛି । କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ, ଧାର୍ମିକ ଓ ଅର୍ଥନୈତିକ ସ୍ୱାର୍ଥ ଓ ଲକ୍ଷ ପାଇଁ ସାମ୍ପ୍ରଦାୟିକ ଗଣ୍ଡଗୋଳ ସୃଷ୍ଟି ହୁଏ । ଗ୍ରାମାଞ୍ଚଳରେ ଜମିଦାରୀ ପ୍ରଥାର ବିଲୋପ ସତ୍ତ୍ୱେ ବି ବିଭିନ୍ନ ସାମ୍ପ୍ରଦାୟିକ ଭାବ ସମାଜରେ ତିଷ୍ଠି ରହିଛି । ବର୍ତ୍ତମାନ ଉଚ୍ଚ ଓ ମଧ୍ୟବିତ୍ତ ଶ୍ରେଣୀ ଲୋକମାନଙ୍କ ମଧ୍ୟରେ କ୍ଷମତା ପାଇଁ ଅହରହ ସଂଘର୍ଷ ଲାଗି ରହିଛି । ଦେଶ ଉକ୍ତ ଲୋକମାନେ ହିଂସାର ଶିକାର ହେଉଛନ୍ତି ।



ଚିତ୍ର ୨୩.୭

ଦଳିତ ଓ ଅନଗ୍ରସର ଲୋକମାନଙ୍କର ଅଧିକାର ସଚେତନତା, ଉଚ୍ଚବର୍ଗର ସୁବିଧାବାଦୀ ଗୋଷ୍ଠୀଙ୍କୁ ଅସୁବିଧାରେ ପକାଇଛି । ବେଳେବେଳେ ଦଳିତ ଲୋକଙ୍କୁ ମତଦାନରୁ ବଞ୍ଚିତ କରାଯାଉଛି । କହିବାକୁ ଗଲେ, ନୂତନ ରାଜ୍ୟ ସୃଷ୍ଟି ପାଇଁ ଦାବି, ରାଜ୍ୟମାନଙ୍କ ସୀମା ନିର୍ଦ୍ଧାରଣ ପ୍ରସଙ୍ଗ ପ୍ରଭୃତି ଦାବୀ ହାସଲ ପାଇଁ ଜନସାଧାରଣ ହିଂସାର ଆଶ୍ରୟ ନେଉଛନ୍ତି । ହିଂସାତ୍ମକ କାର୍ଯ୍ୟକଳାପ ପ୍ରତ୍ୟେକ ବ୍ୟବସ୍ଥାରେ ଦେଖାଯାଉଛି । ବିଶେଷକରି ଶ୍ରମିକ ମାନଙ୍କ

ଆନ୍ଦୋଳନ, କୃଷକ ଓ ଛାତ୍ର ଆନ୍ଦୋଳନ ଓ ସେମାନଙ୍କ ଶୋଭାଯାତ୍ରା ବେଳେ ଅନେକ ହିଂସାକାଣ୍ଡ ଦେଖିବାକୁ ମିଳୁଛି ।

## ପାଠଗତ ପ୍ରଶ୍ନାବଳୀ ୨୩.୨

୧. ନିରକ୍ଷରତା, ଅସମତା ଓ ଦାରିଦ୍ର୍ୟ ଭାରତୀୟ ଗଣତନ୍ତ୍ରକୁ କିପରି ପ୍ରଭାବିତ କରୁଛି ?

୨. ତୁମେ ଏକମତ ହେବ କି, ବିଭିନ୍ନ ମନୋରଞ୍ଜନ ଧର୍ମୀ ଧାରାବାହିକ ଓ ଚଳଚ୍ଚିତ୍ରରେ ନାରୀମାନଙ୍କ ପ୍ରତି ଲିଙ୍ଗଗତ ବାଛ ବିଚାର କରାଯାଉଛି । ଉଦାହରଣ ସହ ଏହାର ସତ୍ୟତା ପ୍ରତିପାଦନ କର ।

୩. ଜାତିଆଣବାଦ ଓ ସାମ୍ପ୍ରଦାୟିକତାବାଦର ଦୁଇଟି ଉଦାହରଣ ଦେଇ ଏହାର କୁପ୍ରଭାବ ବିଷୟରେ ଆଲୋଚନା କର ।

୪. ଯଦି ଆଞ୍ଚଳିକବାଦ ଓ ଉପ ଆଞ୍ଚଳିକବାଦ ଭାରତୀୟ ଗଣତନ୍ତ୍ର ପାଇଁ ଅପରିହାର୍ଯ୍ୟ ତେବେ ଏହାକୁ ଏକ ଆହ୍ୱାନ ଭାବେ ଚିନ୍ତା କରାଯାଉଛି କାହିଁକି ?

୫. ରାଜନିତୀ ଅପରାଧିକରଣ ହେବାର କାରଣ କ'ଣ ?

୬. କେଉଁ କାରଣ ପାଇଁ ଭାରତରେ ରାଜନୈତିକ ହିଂସା ବଢ଼ି ଚାଲିଛି ?

## ୨୩.୩ ସଠିକ୍ ପଦକ୍ଷେପ

ଉପରୋକ୍ତ ଆଲୋଚନାରୁ ଏହା ସୁସ୍ପଷ୍ଟ ଯେ, ଭାରତୀୟ ଗଣତନ୍ତ୍ର କିଛି ନିର୍ଦ୍ଦିଷ୍ଟ ଆହ୍ୱାନର ସମ୍ମୁଖୀନ ହୋଇଛି । ତୁମେ ନିଶ୍ଚୟ ଏକମତ ହେବ ଯେ, ଉକ୍ତ ଆହ୍ୱାନର ସମ୍ମୁଖୀନ ହେବାପାଇଁ ଦେଶ କି ସଠିକ୍ ପଦକ୍ଷେପ ନେଲେ ଏହି ଅପକାରୀ ଶକ୍ତିମାନଙ୍କର ପ୍ରଭାବରୁ ମୁକ୍ତ ହୋଇପାରିବ । ଆମେ ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ଏ ବିଷୟରେ ସଚେତନ ଥିଲୁ । ବିଶେଷକରି ସ୍ୱାଧୀନତା ସଂଗ୍ରାମୀ ଓ କୃଷକ ସଂଗଠନ ଗୁଡିକ ଏ ସମସ୍ୟା ସହିତ ଅଧିକ ପରିଚିତ ଥିଲେ ଓ ଏହାର ପ୍ରତିକାର ପାଇଁ ସଠିକ୍ ସାମ୍ବିଧାନିକ ବ୍ୟବସ୍ଥାର ବନ୍ଦୋବସ୍ତ କରିଥିଲେ । ଏହାଦ୍ୱରା ସାମାଜିକ ଅନୁଷ୍ଠାନ ସର୍ବୋପରି ସମସ୍ତ ଜନସାଧାରଣ ନିଶ୍ଚିତଭାବେ ଉକ୍ତ ଆହ୍ୱାନ ଗୁଡିକର ଉଚିତ୍ ମୁକାବିଲା କରିବେ । ନିମ୍ନରେ କେତେକ ବିହିତ ପଦକ୍ଷେପର ସୂଚନା ଦିଆଯାଇଛି ।

### ୨୩.୩.୧ ସାର୍ବଜନୀନ ସାକ୍ଷରତା (ସମସ୍ତଙ୍କ ପାଇଁ ଶିକ୍ଷା)

ସାର୍ବଜନିକ ଶିକ୍ଷାବ୍ୟବସ୍ଥା ଗଣତନ୍ତ୍ରର ସଫଳତା ନିମନ୍ତେ ଏକ ଉଚିତ୍ ପଦକ୍ଷେପ । ଦେଶରେ ଏକ ପ୍ରକାର ଶିକ୍ଷା କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଲେ ଜାତୀୟ ଚେତନା ବୃଦ୍ଧି ପାଇବ । ସମ୍ବିଧାନ ପ୍ରଣେତାମାନେ ୧୪ବର୍ଷ ପର୍ଯ୍ୟନ୍ତ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ବ୍ୟବସ୍ଥାର ସୁଯୋଗ ସୃଷ୍ଟି କରିଛନ୍ତି । କେନ୍ଦ୍ର ଓ ସମସ୍ତ ରାଜ୍ୟ ସରକାରମାନେ ଉକ୍ତ ଶିକ୍ଷାନୀତିକୁ ଗ୍ରହଣ କରିଛନ୍ତି । ଜାତୀୟ ଶିକ୍ଷାନୀତି ୧୯୮୬ ଅନୁସାରେ ରାଷ୍ଟ୍ରିୟ ସ୍ୱାକ୍ଷରତା ମିସନ ୧୯୮୮ ମସିହାରେ ସ୍ଥାପିତ ହୋଇ ନିରକ୍ଷରତା ଦୂରୀକରଣ ପାଇଁ ପଦକ୍ଷେପ ନେଇଥିଲେ ତଥପି ସାର୍ବଜନୀନ

ସ୍ୱାକ୍ଷରତା ଯୋଜନା ପୂର୍ଣ୍ଣାଙ୍ଗ ସ୍ତରରେ ପହଞ୍ଚି ନାହିଁ। ବର୍ତ୍ତମାନ "ସ୍ୱାକ୍ଷର ଭାରତ" ନାମରେ ଏକ କାର୍ଯ୍ୟକ୍ରମ ଦେଶତମାମ କାର୍ଯ୍ୟକାରୀ ହେଉଛି। ଦେଶରେ ସାଧାରଣ ସ୍ୱାକ୍ଷରତା କାର୍ଯ୍ୟକ୍ରମ ବ୍ୟତୀତ ୧୫ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ନିରକ୍ଷର ଲୋକଙ୍କ ପାଇଁ ଆନୁଷ୍ଠାନିକ ସ୍ୱାକ୍ଷରତା ଅଭିଯାନ କାର୍ଯ୍ୟକାରୀ ହେବାର ଲକ୍ଷ ରଖାଯାଇଛି।




ଚିତ୍ର - ୨୩.୮

ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ସର୍ବଶିକ୍ଷା ଅଭିଯାନ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହା ସଫଳ ହେଲେ, ଦେଶରେ ଶିକ୍ଷାର ଆଲୋକ ଦ୍ୱାରା ସମସ୍ତ ସମସ୍ୟା ଦୂରେଇ ଯିବ। ୨୦୦୯ ମସିହାରେ ଦେଶର ସଂସଦ ସଦସ୍ୟମାନେ ଶିକ୍ଷା ଅଧିକାର ଆଇନ ପ୍ରଣୟନ କରିଛନ୍ତି, ଯଦ୍ୱାରା ୬ବର୍ଷରୁ ୧୪ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାମାନଙ୍କୁ ବାଧ୍ୟତାମୂଳକ ଶିକ୍ଷା ଦିଆଯିବ।

## ୨୩.୩.୨ ଦାରିଦ୍ର୍ୟ ଦୂରୀକରଣ

୧୯୭୦ ମସିହା ଠାରୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ବିଭିନ୍ନ କାଯର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି। ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ। (କ) ହିତାଧିକାରୀମାନଙ୍କୁ ଆବଶ୍ୟକୀୟ ବୈଷୟିକ ଦକ୍ଷତା ଓ ସାମଗ୍ରୀ ଯୋଗାଇ ଦିଆଯାଉଛି, ଯେପରି ସେମାନେ ପରବର୍ତ୍ତି କାଳରେ ଉକ୍ତ ଦକ୍ଷତା ଦ୍ୱାରା ନିଯୁକ୍ତି ପାଇ ପାରିବେ।

(ଖ) ଆଉ କିଛି କାର୍ଯ୍ୟକ୍ରମ କରାଯାଉଛି, ଯଦ୍ୱାରା ଭୂମିହୀନ ଓ ଦରିଦ୍ର ଲୋକମାନେ ସାମୟିକ ନିଯୁକ୍ତ ପାଇଁ ଦୈନିକ ମଜୁରୀ ପାଇବେ।

**? ତୁମେ ଜାଣ କି**

୧୯୯୯ ମସିହାରେ "ସ୍ୱର୍ଣ୍ଣଜୟନ୍ତୀ ସ୍ୱରୋଜଗାର ଯୋଜନା" ନାମରେ ଏକ କାର୍ଯ୍ୟକ୍ରମ ଗ୍ରାମାଞ୍ଚଳ ଲୋକଙ୍କ ଆର୍ଥିକ ସ୍ୱଚ୍ଛଳତା ପାଇଁ କାର୍ଯ୍ୟକାରୀ ହେଉଥିଲା। ଏହି ଯୋଜନା ମାଧ୍ୟମରେ ଲୋକଙ୍କ ଦକ୍ଷତା ବୃଦ୍ଧି ପାଇଁ ବୈଷୟିକ ତାଲିମ ବ୍ୟବସ୍ଥା, ଋଣ ଓ ବଜାର ସୁବିଧା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ ତିଆରି କରାଯାଇ ବିଭିନ୍ନ ଉତ୍ପାଦନ ଭିତ୍ତିକ କାର୍ଯ୍ୟକ୍ରମରେ ସେମାନଙ୍କୁ ସହଯୋଗ କରାଯାଉଥିଲା, ଉଦାହରଣ ସ୍ୱରୂପ, ତାମିଲନାଡୁ ଧର୍ମପୁରୀ ଜିଲ୍ଲାର ମାଥୁର ଗ୍ରାମରେ ୮ଟି ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରୁ ୧୦୦ଜଣ ମହିଳାଙ୍କୁ ଖାଦ୍ୟ ପ୍ରକ୍ରିୟା

କରଣ ଶିଳ୍ପରେ ଏକ ବେସରକାରୀ ସଂଗଠନ ଦ୍ୱାରା ଆବଶ୍ୟକୀୟ ତାଲିମ ଦିଆଯାଇଥିଲା । ଉକ୍ତ ଶିଳ୍ପ ସତ୍ୟମୂର୍ତ୍ତି ମହାଲିର ମାଣ୍ଡାମ୍ ନାମରେ ୨୦୦୦ ମସିହା ମେ ମାସରେ ପଞ୍ଜୀକରଣ କରାଯାଇଥିଲା । ଏହି ସଂସ୍ଥା ଫଳସ୍କ୍ୱାସ, ଜାମ, ଖଟା ପ୍ରକୃତି ପ୍ରସ୍ତୁତ କରୁଥିଲେ । ଏହାଦ୍ୱାରା ସେମାନେ ନିଜର ଆର୍ଥିକ ସ୍ୱଚ୍ଛଳତା ଲାଭ କରିବା ସଙ୍ଗେ ସଙ୍ଗେ ସରକାରୀ ସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର କ୍ୟାମ୍ପ ଓ ଆଲୋଚନାରେ ମଡେଲଭାବେ ଅଂଶଗ୍ରହଣ କରୁଥିଲେ ।

କୌଣସି ନିର୍ଦ୍ଦିଷ୍ଟ ଗ୍ରାମାଞ୍ଚଳର ଭିତ୍ତିଭୂମିକୁ ବିଚାରକରି ସେ ଅଞ୍ଚଳର ସାମୁହିକ ଉନ୍ନତିପାଇଁ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠି ସୃଷ୍ଟି କରାଯାଉଛି ।

ବିଭିନ୍ନ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ଜବାହାର ଗ୍ରାମ ସମୃଦ୍ଧି ଯୋଜନା ଦ୍ୱାରା ଗ୍ରାମାଞ୍ଚଳର ଭିତ୍ତିଭୂମିକୁ ସଜାଡି ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯାଉଛି । ଉକ୍ତ ଯୋଜନା ଗୁଡିକ ପଞ୍ଚାୟତ ସ୍ତରରେ କାର୍ଯ୍ୟକାରୀ ହୋଇ ପ୍ରାୟ ୨୭କୋଟି ନିଯୁକ୍ତି ଦିନ ସୃଷ୍ଟିକରି ପାରୁଛି । ନିଯୁକ୍ତି ପ୍ରତିଶୃତି ଯୋଜନା, ମରୁଭୂମି, ମରୁଡି, ପାହାଡିଆ ଅଞ୍ଚଳ ଆଦିବାସୀ ଅଧ୍ୟୁସିତ ଅଞ୍ଚଳରେ କାର୍ଯ୍ୟକାରୀ ହୋଇ ଦୈନିକ ମଜୁରୀ ମାଧ୍ୟମରେ ସେମାନଙ୍କ ଠାରୁ କାମ ଆଦାୟ କରାଯାଉଛି । ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମାଞ୍ଚଳ ନିଯୁକ୍ତି ଗ୍ୟାରେଣ୍ଟି ଆକ୍ଟ, ଗ୍ରାମାଞ୍ଚଳରେ ଅଣକୁଶଳୀ ଲୋକମାନଙ୍କର ଆର୍ଥିକ ସ୍ୱଚ୍ଛଳତା ପାଇଁ ଅତିକମ୍‌ରେ ୧୯ଦିନିଆ କାମପାଇଁ ରୋଜଗାର ଯୋଜନା କାର୍ଯ୍ୟକାରୀ ହେଉଛି । ନିଯୁକ୍ତ ପ୍ରତିଶୃତି ଯୋଜନା (EAS) ମଧ୍ୟ ବିଭିନ୍ନ ବ୍ଲକରେ କାର୍ଯ୍ୟକାରୀ ହେଉଛି ।

### ୨୩.୩.୩ ଲିଙ୍ଗଭେଦ ଦୂରୀକରଣ

ବାସ୍ତବତା ଦୃଷ୍ଟିରୁ ଗଣନ୍ତର ଲକ୍ଷ " ଲୋକମାନଙ୍କର, ଲୋକମାନଙ୍କ ପାଇଁ, ଓ ଲୋକମାନଙ୍କ ଦ୍ୱାରା" ଶାସନ ବ୍ୟବସ୍ଥାର ଅସଲ ଉଦ୍ଦେଶ୍ୟ ପୂରଣ ହୋଇପାରିବ ନାହିଁ ଯଦି ମହିଳାମାନଙ୍କୁ ବିଭିନ୍ନ ସମାଜିକ, ଅର୍ଥନୈତିକ ଓ ରାଜନୈତିକ କାର୍ଯ୍ୟକ୍ରମ ଗୁଡିକରେ ସାମିଲ କରା ନଯାଏ । ମହିଳାମାନେ ସମାନ ସୁବିଧା ଓ ସୁଯୋଗର ଅଧିକାରୀ ହେବାପାଇଁ ସାମ୍ବିଧାନିକ ବ୍ୟବସ୍ଥା ମଧ୍ୟ ରହିଛି । ୧୯୯୩ ମସିହାରେ ସମ୍ବିଧାନର ୭୩ ଓ ୭୪ତମ ସଂଶୋଧନ ପ୍ରସ୍ତାବରେ ମହିଳାମାନଙ୍କୁ ଆବଶ୍ୟକୀୟ ସୁବିଧାସୁଯୋଗ ଦିଆଯାଇଛି । ଏହି ସମ୍ବିଧାନ ସଂଶୋଧନ ଦ୍ୱାରା ପଞ୍ଚାୟତସ୍ତରୀୟ ନିର୍ବାଚନରେ ଏକ ତୃତୀୟାଂଶ ସ୍ଥାନ ମହିଳାମାନଙ୍କ ପାଇଁ ସଂରକ୍ଷଣ କରାଯାଇଛି । ୨୦୦୧ ମସିହାରେ ମଧ୍ୟ ମହିଳାମାନଙ୍କୁ ସ୍ୱାବଲମ୍ବି କରିବା ଓ ସମାନ ସୁବିଧା ସୁଯୋଗ ଦେବା ପାଇଁ ବିଭିନ୍ନ ଜାତୀୟ ଯୋଜନାମାନ କାର୍ଯ୍ୟକାରୀ ହେଉଛି ।

**? ତୁମେ ଜାଣ କି**

**ନାରୀମାନଙ୍କ ଶକ୍ତି ବୃଦ୍ଧିପାଇଁ ଜାତୀୟ କାର୍ଯ୍ୟକ୍ରମ ୨୦୦୧**

ମହିଳାମାନଙ୍କ ଉନ୍ନତି ଓ ବିକାଶ ପାଇଁ ଜାତୀୟ କାର୍ଯ୍ୟକ୍ରମର ଲକ୍ଷ ଓ ଉଦ୍ଦେଶ୍ୟ ନିମ୍ନଭାବେ ପ୍ରଦତ୍ତ ହୋଇଛି ।

୧. ଅର୍ଥନୈତିକ ଓ ସାମାଜିକ କାର୍ଯ୍ୟକ୍ରମ ଜରିଆରେ ମହିଳାମାନଙ୍କ ସାମଗ୍ରିକ ବିକାଶପାଇଁ ଉପଯୁକ୍ତ ପରିବେଶ ସୃଷ୍ଟିକରିବା ଓ ସେମାନଙ୍କଠାରେ ଲୁଚି ରହିଥିବା ଦକ୍ଷତାର ଉପଯୋଗ କରିବା।

୨. ଦେଶର ବିଭିନ୍ନ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କାର୍ଯ୍ୟକ୍ରମର ସୁଫଳ ଉଭୟ ନାରୀ ଓ ପୁରୁଷ ଉପଭୋଗ କରିବାର ସମତା ରକ୍ଷା କରିବା।

୩. ସ୍ୱାସ୍ଥ୍ୟରକ୍ଷା, ଉନ୍ନତ ଶିକ୍ଷା ବ୍ୟବସ୍ଥା, ବୃତ୍ତିଗତ ପରାମର୍ଶ, ନିଯୁକ୍ତି ଦରମା, ସାମାଜିକ ନିରପତ୍ତା ପ୍ରଭୃତି କ୍ଷେତ୍ରରେ ସମାନ ସୁବିଧା ଓ ସୁଯୋଗ ମହିଳାମାନଙ୍କୁ ଯୋଗାଇଦେବା।

୪. ମହିଳାମାନଙ୍କ ସ୍ୱାର୍ଥ ପାଇଁ ଉପଯୁକ୍ତ ଆଇନ ପ୍ରଣୟନ କରିବା।

୫. ମହିଳା ଓ ଝିଅମାନଙ୍କ ସାମାଜିକ ଜୀବନରେ କୌଣସି ହିଂସା ସୃଷ୍ଟିକୁ ପ୍ରଶୟ ନ ଦେବା।

## ୨୩.୩.୪ ଅସନ୍ତୁଳିତ ଆଞ୍ଚଳିକବାଦର ଦୂରୀକରଣ

ଭାରତରୁ ଅସନ୍ତୁଳିତ ଆଞ୍ଚଳିକ ବାଦର ଦୂରୀକରଣ କରିବା ଯୋଜନା ପ୍ରଣୟନକାରୀଙ୍କ ମୂଖ୍ୟଲକ୍ଷ ଅଟେ। ଆଞ୍ଚଳିକ ବୈଷମ୍ୟକୁ କମାଇବା ପାଇଁ ଯେତେଦୁର ସମ୍ଭବ ଉଦ୍ୟମ କରାଯାଉଛି। ରାଜ୍ୟ ସରକାର ମାନଙ୍କ ସ୍ୱତନ୍ତ୍ର ପ୍ରଚେଷ୍ଟା ବ୍ୟତୀତ ଅନେକ କେନ୍ଦ୍ରୀୟ କାର୍ଯ୍ୟକ୍ରମମାନ ଦୁଇ ତିନିବର୍ଷ ଧରି ବିଭିନ୍ନ ଅଞ୍ଚଳରେ କାର୍ଯ୍ୟକାରୀ ହେଉଛି। ତୁମ ଅଞ୍ଚଳରେ ଏଭଳି କିଛି କାର୍ଯ୍ୟକ୍ରମ ଚାଲିଥିବାର ଖବର ଜାଣିଛ କି? ଏହିସବୁ କାର୍ଯ୍ୟକ୍ରମ ମାନଙ୍କ ମଧରେ (୧) ଆଦିବାସୀ ଉନ୍ନୟନ (୨) ପାହାଡିଆ ଅଞ୍ଚଳର ବିକାଶ (୩) ସୀମାରେଖା ଅଞ୍ଚଳ, ପଶ୍ଚିମଘାଟ ଅଞ୍ଚଳ ଓ ମରୁଡି ପ୍ରପିଡିତ ଅଞ୍ଚଳର ଉନ୍ନୟନ କାମ ପ୍ରଧାନ। ଏହାବ୍ୟତୀତ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡିକର ବିକାଶ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାନ ହାତକୁ ନିଆଯାଇଛି।

ଅନୁନ୍ନତ ଅଞ୍ଚଳମାନଙ୍କର ଉନ୍ନତି ସେଠାର ଆଞ୍ଚଳିକ ନେତାମାନଙ୍କ ଉପରେ ପ୍ରାୟତଃ ନିର୍ଭରଶୀଳ ଯଦିଓ ଏହା ଏକ ଜାତୀୟ କାର୍ଯ୍ୟକ୍ରମ। ଉକ୍ତ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତେ ସଂକଳ୍ପବଦ୍ଧଭାବେ କଠିନ ପରିଶ୍ରମ କଲେ, କାର୍ଯ୍ୟକ୍ରମର ସୁଫଳ ସମସ୍ତେ ଉପଭୋଗ କରିବେ।

## ୨୩.୩.୫ ପ୍ରଶାସନିକ ଓ ନ୍ୟାୟପାଳିକା ସଂସ୍କାର

ଉପର ଲିଖିତ ସମସ୍ତ ସଠିକ୍ ପଦକ୍ଷେପର ସଫଳତା ମୂଖ୍ୟତଃ ଦକ୍ଷ ପ୍ରଶାସନିକ ଓ ନ୍ୟାୟିକ ବ୍ୟବସ୍ଥା ଉପରେ ନିର୍ଭରଶୀଳ। ଭାରତର ସାଧାରଣ ଶାସନ ବ୍ୟବସ୍ଥାର ଗତକିଛି ବର୍ଷଧରି ତର୍ଜମା ଚାଲିଛି। ସାଧାରଣ ଜୀବନରେ, ଅନିୟନ୍ତ୍ରିତ ଦୁର୍ନିତି, ଅନାବଶ୍ୟକ ହସ୍ତକ୍ଷେପ, ଦାୟିତ୍ୱହୀନତା ପ୍ରଭୃତି ଅନେକ ଅଗଣତାନ୍ତ୍ରିକ ସମସ୍ୟା ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଏହା ନିଃସନ୍ଦେହରେ କୁହାଯାଇପାରେ, ଭାରତୀୟ ନ୍ୟାୟପାଳିକା ଅନେକ ପରିସ୍ଥିତିରେ ନିଜର ସ୍ୱାଧୀନ ମତବ୍ୟକ୍ତ ପାଇଁ କୁଣ୍ଠାବୋଧ ପ୍ରକାଶ କରୁଛି। ଅନେକ ଗୁରୁତର ସମସ୍ୟା ଗୁଡିକର ନିଷ୍ପତ୍ତି ନେବାର ଅଯଥା ବିଳମ୍ବ ଘଟାଉଛି ଓ ବିଭିନ୍ନ ଫୌଜଦାରୀ ମକଦ୍ଦମା ଗୁଡିକରେ ଦଣ୍ଡିତ ବ୍ୟକ୍ତିର ଉପଯୁକ୍ତ ଦଣ୍ଡ ବ୍ୟବସ୍ଥା କରିପାରୁ ନାହିଁ। ଏହି କୋହଳ ଦଣ୍ଡ ବ୍ୟବସ୍ଥା ଅନେକ ସମୟରେ ଗୁରୁତର ସମସ୍ୟା ସୃଷ୍ଟି କରୁଛି।

ପ୍ରଶାସନିକ ସଂସ୍କାର ସ୍ୱାଧୀନତାପରେ ସବୁ ସମୟରେ ଚାଲିଛି । ଏଥିପାଇଁ ଅନେକ କମିସନ ଓ କମିଟି ନିଯୁକ୍ତି କରାଯାଇଛି । କିନ୍ତୁ ଅମଲାତାନ୍ତ୍ରିକ ଶାସନ ବ୍ୟବସ୍ଥା ଯୋଗୁଁ ଉକ୍ତ ତଦନ୍ତକାରୀ ସଂସ୍ଥାମାନଙ୍କର ମତାମତ ଓ ପରାମର୍ଶ ସଠିକ୍‌ଭାବେ କାର୍ଯ୍ୟକାରୀ ହେଉନାହିଁ । ନିମ୍ନରେ ବିଭିନ୍ନ କମିସନ ଦେଇଥିବା ମତାମତ - (୧) ଶାସନବ୍ୟବସ୍ଥାରେ ଉତ୍ତରଦାୟୀ ପ୍ରଶାସନ ରହିବା ଉଚିତ୍ । (୨) କ୍ଷମତାର ବିକେନ୍ଦ୍ରୀକରଣ ଯଥାଶିଘ୍ର କରି ସାଧାରଣ ଜନତାଙ୍କୁ ପ୍ରଶାସନରେ ସାମିଲ କରିବା । (୩) ପ୍ରଶାସନିକ ନିଷ୍ପତ୍ତିକୁ ସ୍ୱଚ୍ଛ ଓ ଉପଯୋଗୀ କରିବା (୪) ମାନବିକ ମୂଲ୍ୟବୋଧ ଓ ନୈତିକତାକୁ ଅଧିକ ଗୁରୁତ୍ୱ ଦେବା ପ୍ରଭୃତି ପରାମର୍ଶ ବିଭିନ୍ନ କମିସନ ଉଲ୍ଲେଖ କରିଛନ୍ତି ।

ନ୍ୟାୟପାଳିକା ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ବିଭିନ୍ନ କମିସନ ଅନେକ ପ୍ରସ୍ତାବ ଦେଇଛନ୍ତି । ଏହା ନିମ୍ନରେ ଆଲୋଚନା କରାଯାଇଛି । (କ) ନିୟମ ଓ ଧାରାର ସରଳୀକରଣ କରିବା (ଖ) ଅନାବଶ୍ୟକ ଓ ସମାଜ ବିରୋଧି ଆଇନର ସଂଶୋଧନ (ଗ) ଜନସଂଖ୍ୟା ଅନୁପାତରେ ନ୍ୟାୟ ପାଳିକାଙ୍କର ନିଯୁକ୍ତି (ଘ) ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଖାଲିଥିବା ନ୍ୟାୟମୂର୍ତ୍ତି ଆସନର ପୂରଣ (ଙ) ନିଯୁକ୍ତି, ବଦଳି ଓ ପ୍ରମୋସନ କ୍ଷେତ୍ରରେ ସ୍ୱଚ୍ଛତା (ଚ)ନ୍ୟାୟିକମାନଙ୍କର ଉତ୍ତରଦାୟୀ ବ୍ୟବସ୍ଥାର ପ୍ରଚଳନ ପ୍ରଭୃତି ଜରୁରୀଭାବେ କାର୍ଯ୍ୟକାରୀ କରିବା ଉଚିତ୍ ।

## ୨୩.୩.୬ ସଂଭାବ୍ୟ ବିକାଶ (ଅର୍ଥନୈତିକ, ସାମାଜିକ ଓ ପରିବେଶୀୟ)

ବିକାଶ ପଥରେ ଗତିଶୀଳ ଭାରତୀୟ ଗଣତନ୍ତ୍ର ଯେ କୌଣସି ଆହ୍ୱାନର ମୁକାବିଲା କରିପାରିବ । ଲକ୍ଷ ଲକ୍ଷ ଲୋକଙ୍କ ମୌଳିକ ଆବଶ୍ୟକତାକୁ ବିଚାର ନକରି ବିକାଶର ପରିକଳ୍ପନା ନିରର୍ଥକ । ବିକାଶ ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ପ୍ରତିଫଳିତ ହେବା ଉଚିତ୍ । ଉକ୍ତ ବିକାଶଧାରା ଦାରିଦ୍ର୍ୟ, ଅଜ୍ଞତା ଓ ବିଭେଦତା ଦୂରୀକରଣ କରି ଦେଶର ଅର୍ଥନୈତିକ ସାମାଜିକ ଓ ପରିବେଶ କ୍ଷେତ୍ରରେ ସଂଫଳତା ହାସଲ କରିବା ବିଧେୟ ।

### ତୁମେ ଜାଣ କି

ସଠିକ୍ ବିକାଶଧାରା ସମସ୍ତ ଉପସ୍ଥିତ ସମ୍ବଳର ଉପଯୋଗ କରିଥାଏ । ସମ୍ବଳର ଉପଯୋଗ ଦେଶପାଇଁ ଶୁଭଙ୍କର । ଦେଶର ବିକାଶପାଇଁ ସୁଯୋଗ ସୃଷ୍ଟିକରିବା ପ୍ରତ୍ୟେକ ନାଗରିକ ଓ ଅନୁଷ୍ଠାନର କର୍ତ୍ତବ୍ୟ । ବ୍ରୁଟଲ୍ୟାଣ୍ଡ କମିସନ, ୧୯୮୭ଙ୍କ ମତାମତ ଏ ଦିଗରେ ପ୍ରଣିଧାନ ଯୋଗ୍ୟ ।

## ପାଠଗତ ପ୍ରଶ୍ନାବଳୀ ୨୩.୩

୧. ସାର୍ବଜନୀନ ସ୍ୱାକ୍ଷରତା, ଦାରିଦ୍ର୍ୟ ଦୂରୀକରଣ ଓ ଲିଙ୍ଗଗତ ଅସାମଞ୍ଜସ୍ୟତା ପ୍ରଭୃତି ସମସ୍ୟାପାଇଁ ଦେଶରେ କି ପଦକ୍ଷେପ ନିଅଯାଇଛି ?

୨. ଆଞ୍ଚଳିକ ବୈଷମ୍ୟତା ସମସ୍ୟାର ସମାଧାନ ପାଇଁ ଭାରତରେ କି ପଦକ୍ଷେପ ନିଆଯାଇଥିଲା ?

୩. ଦେଶରେ ପ୍ରଶାସନିକ ଓ ନ୍ୟାୟିକ ସଂସ୍କାରକୁ କିପରି ଗ୍ରହଣ କରାଯାଉଛି ? ବର୍ଣ୍ଣନା କର ।

୪. ସଂଭାବ୍ୟ ବିକାଶ କ'ଣ ? ଏହା ଭାରତୀୟ ଗଣତନ୍ତ୍ରକୁ କିପରି ସମୃଦ୍ଧ କରିବ ?

## ୨୩.୪ ଗଣତନ୍ତ୍ରରେ ନାଗରିକମାନଙ୍କର ଭୂମିକା

ଗଣତନ୍ତ୍ରରେ ନାଗରିକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ସାଧାରଣତଃ ଏହା ବିଶ୍ୱାସ କରାଯାଏ ଯେ, ସରକାର ଲୋକମାନଙ୍କୁ ଶାସନ କରନ୍ତି ଓ ଲୋକମାନେ ଶାସକଙ୍କୁ ସମ୍ମାନ କରନ୍ତି ଓ ତାଙ୍କ ଆଦେଶକୁ ମାନନ୍ତି । ତେଣୁ ସେମାନେ ଶାସିତ । କିନ୍ତୁ ଗଣତନ୍ତ୍ରରେ ସଠିକ୍ ଅର୍ଥ ଏହା ନୁହେଁ । ଜନସାଧାରଣ, ଯେଉଁମାନେ ନାଗରିକ ଭାବେ ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟାରେ ଭାଗନେବା ପାଇଁ ସମ୍ପୂର୍ଣ୍ଣ ସୁଯୋଗ ଦିଆଯାଏ, ସେମାନଙ୍କୁ ଶାସିତ ବୋଲି ଭାବିବା ଯଥାର୍ଥ ନୁହେଁ । ବାସ୍ତବିକ, ଦେଶର ଶଣତନ୍ତ୍ର ଓ ଶାସନ ବ୍ୟବସ୍ଥା ସଫଳ ହେବ, ଯେତେବେଳେ ଏହାର ନାଗରିକମାନେ ଗଣତାନ୍ତ୍ରିକ ମୂଲ୍ୟବୋଧ ଯଥା, ସମାନତା, ସ୍ୱାଧୀନତା, ନିରପେକ୍ଷତା, ସାମାଜିକ ନ୍ୟାୟ, ଦାୟିତ୍ୱବୋଧ ଓ ଉତ୍ତରଦାୟୀ ବ୍ୟବସ୍ଥାର ପ୍ରକୃତ ମୂଲ୍ୟାଙ୍କନ କରିପାରିବେ ।

### ୨୩.୪.୧ ନାଗରିକ ଭୂମିକାପାଇଁ ପସନ୍ଦଯୋଗ୍ୟ ସୁଯୋଗ

ନାଗରିକ ଭୂମିକା ପାଇଁ ପ୍ରତ୍ୟେକ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସୁଯୋଗ ରହିଛି । କିନ୍ତୁ, ଏ ବ୍ୟବସ୍ଥାରେ କିଛିଟା ପାର୍ଥକ୍ୟ ଦେଖାଯାଏ । ଦୀର୍ଘଦିନଧରି ଔପନିବେଶ ଶାସନ ପରିସର ଭିତରେ ରହି, ୧୯୪୭ ମସିହାରେ ଦେଶ ସ୍ୱାଧୀନ ହେଲା । ଏଠାରେ ଏକ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥତା ପ୍ରତିଷ୍ଠା କରାଗଲା । ତଥାପି ଦେଶର ସାମାଜିକ ଓ ସାଂସ୍କୃତିକ ଅବସ୍ଥା ଗଣତାନ୍ତ୍ରିକ ମୂଲ୍ୟବୋଧର ନିକଟତର ହୋଇପାରି ନାହିଁ । ଭାରତ, ବିଭିନ୍ନ ସାଂସ୍କୃତିକ ପରମ୍ପରା ଓ ଭାଷାଭାଷିର ଦେଶ । ଏଠାରେ ସମସ୍ତ ପରମ୍ପରାକୁ ଗୁରୁତ୍ୱ ଦିଆଯାଉଛି । ଗଣତାନ୍ତ୍ରିକ ବିଚାରଧାରାକୁ କାର୍ଯ୍ୟକାରୀ କରିବା ପାଇଁ ଏବେ ବି ଉଦ୍ୟମ ଜାରି ରହିଛି । ବର୍ତ୍ତମାନ, ଅନେକ ଭାବନ୍ତି ଯେ, ସରକାର ଆମର ସବୁ ଓ ଆମପାଇଁ ସମସ୍ତ କାର୍ଯ୍ୟ କରିବେ । ଯଦି କୌଣସି କାର୍ଯ୍ୟରେ ଆଶାତୀତ ସଫଳତା ନ ମିଳେ, କେବଳ ସରକାର ହିଁ ନିନ୍ଦିତ ହେବେ । ଦେଶରେ ଆମ ପସନ୍ଦର ଲୋକ ପ୍ରତିନିଧିମୂଳକ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଚାଲିଛି । ତେଣୁ କେନ୍ଦ୍ର, ବିଭିନ୍ନ ରାଜ୍ୟ ଓ ସ୍ଥାନୀୟ ଅଞ୍ଚଳ ମାନଙ୍କରେ ସରକାର ହିଁ ଉତ୍ତରଦାୟୀ ରହିବେ । ଅର୍ଥାତ୍ ପ୍ରତ୍ୟେକ୍ଷ ହେଉ ବା ପରୋକ୍ଷରେ ହେଉ ନାଗରିକ ମାନେ ହିଁ ସମଗ୍ର ଶାସନ ବ୍ୟବସ୍ଥାରେ ସଫଳତା ଓ ବିଫଳତା ପାଇଁ ଦାୟୀ ଅଟନ୍ତି । ଏଥିପାଇଁ ସେମାନେ ସୁଯୋଗର ଉପଯୁକ୍ତ ମୂଲ୍ୟାଙ୍କନ କରି ନିଜର ଭୂମିକା ପ୍ରତି ସଚେତନ ହେବା ଉଚିତ୍ । କିନ୍ତୁ ଆମେ ଭାରତୀୟ

ନାଗରିକମାନେ ଏହା କରୁଛେ କି ?

## ଭୂମିକା ପାଇଁ ଆବଶ୍ୟକ ସୁଯୋଗ

(କ) **ଅଂଶଗ୍ରହଣ:** ସାଧାରଣ ଜୀବନରେ ସମସ୍ତ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ନାଗରିକ ମାନଙ୍କର ପ୍ରଥମ କର୍ତ୍ତବ୍ୟ। ମତଦାନ ଅଧିକାର ସବୁଠାରୁ ସାଧାରଣ ଓ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ଅଟେ। ନିର୍ବାଚନରେ ସମସ୍ତ ରାଜନୈତିକ ଦଳଙ୍କର ଇସ୍ତାହାର ଓ ପ୍ରାର୍ଥୀଙ୍କର ଯୋଗ୍ୟତା ଦେଖି ମତଦାନ କରିବା ଉଚିତ୍। ନିର୍ବାଚନ ଅୟୋଗଙ୍କ ହିସାବରେ ପ୍ରାୟ ୫୦ଭାଗ ମତଦାତାମାନେ ମତଦାନ କରନ୍ତି ନାହିଁ। ଏମାନଙ୍କ ଭିତରୁ ଖୁବ୍ କମ୍ ନାଗରିକ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରନ୍ତି ଓ ବିଭିନ୍ନ ସଭା ସମିତିରେ ଯୋଗଦେଇ ନିଜର ମତାମତ ପ୍ରକାଶ କରନ୍ତି। ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଂଶଗ୍ରହଣ କେବଳ ନିର୍ବାଚନରେ ଭାଗନେବାକୁ ବୁଝାଇ ନଥାଏ, ଏହାର ମୂଖ୍ୟ ଉଦ୍ଦେଶ୍ୟ, କୌଣସି ରାଜନୈତିକ ଦଳର ସଦସ୍ୟ କିମ୍ବା ସ୍ୱାଧୀନ ବେସରକାରୀ ସଂସ୍ଥାମାନଙ୍କରେ ସଦସ୍ୟ ପଦ ଗ୍ରହଣ କରିବା। ଅନେକ ବେସରକାରୀ ସଂଗଠନ, ମହିଳା, ଛାତ୍ର, କୃଷକ, ଶ୍ରମିକ, ଡାକ୍ତର, ଶିକ୍ଷକ ଓ ବ୍ୟବସାୟୀ ମାନଙ୍କର ସ୍ୱାର୍ଥ ରକ୍ଷାପାଇଁ କାର୍ଯ୍ୟ କରନ୍ତି।

(ଖ) **ଉତ୍ତରଦାୟୀ ପ୍ରକ୍ରିୟା:** ପ୍ରତ୍ୟେକ ଗଣତାନ୍ତ୍ରିକ ଅନୁଷ୍ଠାନ ଉତ୍ତରଦାୟୀ ହେବା ଆବଶ୍ୟକ। ବିଭିନ୍ନ କାର୍ଯ୍ୟପାଳିକାମାନେ ବ୍ୟବସ୍ଥାପିକା ନିକଟରେ ଉତ୍ତରଦାୟୀ ହେବାପାଇଁ ସାମ୍ବିଧାନିକ ବ୍ୟବସ୍ଥା ରହିଛି। କିନ୍ତୁ ଜନସାଧାରଣ ନିଶ୍ଚିତହେବା ଦରକାର ଯେ, ସଂସଦ ଓ ବ୍ୟବସ୍ଥାପକ ସଦସ୍ୟ, ପଞ୍ଚାୟତ ଓ ନିଗମମାନଙ୍କର ନିର୍ବାଚିତ ପ୍ରତିନିଧିମାନେ ମଧ୍ୟ ସେମାନଙ୍କର କାର୍ଯ୍ୟପାଇଁ ଉତ୍ତରଦାୟୀ ରହିବେ। ସୂଚନା ଅଧିକାର ଆଇନ, ୨୦୦୫, ନାଗରିକମାନଙ୍କ ପାଇଁ ଏକ ଅସ୍ତ୍ର ସଦୃଶ, ଯାହା ଶାସନ ବ୍ୟବସ୍ଥାକୁ ଅଧିକ ଗତିଶୀଳ ଓ ନିୟନ୍ତ୍ରିତ କରିଥାଏ, ଏହଦ୍ୱାରା ଜନସାଧାରଣ, ରାଜନୈତିକ ନେତା, ପ୍ରତିନିଧି ଓ ପ୍ରଶାସକ ମାନଙ୍କର ଦକ୍ଷତା, ଉଦ୍ଦେଶ୍ୟ ଓ ଲକ୍ଷ ବିଷୟରେ ସୂଚନା ପାଇପାରନ୍ତି ଯେତେବେଳେ ସେମାନେ ଅନୁଭବ କରନ୍ତି ଯେ, ସରକାର ପ୍ରତିଶୃତି ପାଳନର ଅବହେଳା ଦେଖାଉଛନ୍ତି, ସେତେବେଳେ ଏହି ଅବହେଳାକୁ ବିରୋଧକରିବା ବା କୌଣସି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରି ନିଜର ପ୍ରତିକ୍ରିୟା ପ୍ରକାଶ କରିନ୍ତି।

(ଗ) **ଆନୁଗତ୍ୟ ପ୍ରକାଶ:** ଆମ୍ଭେ ବିବେଚନା କରୁ ଯେ, ନାଗରିକତ୍ୱ ଅର୍ଥ, ମତଦାନ କିମ୍ବା କୌଣସି ଅନୁଷ୍ଠାନକୁ ଉତ୍ତରଦାୟୀ କରିବା ପାଇଁ ଏକ ଫଳପ୍ରଦ ବ୍ୟବସ୍ଥା। ଗଣତାନ୍ତ୍ରିକ ବ୍ୟବସ୍ଥା ଅନେକ ଲୋକଙ୍କର ପ୍ରିୟ। ଅଧିକାଂଶ ଲୋକ ଏହି ବ୍ୟବସ୍ଥାପ୍ରତି ନିଜର ଆନୁଗତ୍ୟ ପ୍ରକାଶ କରନ୍ତି। ଉକ୍ତ ଶାସନରେ ସମସ୍ତ ଯୋଗ୍ୟ ଚିନ୍ତାଧାରା ପ୍ରତି ଆଗ୍ରହ ଓ ସମ୍ମାନ ବଢ଼ିଥାଏ। ପ୍ରତ୍ୟେକ ବ୍ୟକ୍ତି ନିଜର ଇଚ୍ଛା ମୁତାବକ କାର୍ଯ୍ୟ କରିବାପାଇଁ ସ୍ୱାଧୀନତା ପାଇଥାନ୍ତି। କିନ୍ତୁ ବେଳେବେଳେ, ଏହା ବିଶୃଙ୍ଖଳା ସୃଷ୍ଟିକରି ସାମାଜିକ ବ୍ୟବସ୍ଥାର ଉନ୍ନତି ପରିବର୍ତ୍ତେ ସର୍ବନାଶ କରେ। ବ୍ୟକ୍ତି ସ୍ୱାଧୀନତା ସର୍ବଦା ସ୍ୱୟଂସଂପୂର୍ଣ୍ଣ ନୁହେଁ। ଯଦି କୌଣସି କାର୍ଯ୍ୟକରିବା ପାଇଁ ତୁମର ସ୍ୱାଧୀନତା ଅଛି, ଏହା ମଧ୍ୟ ତୁମର ଦାୟିତ୍ୱ ଯେ, ଉକ୍ତ କାର୍ଯ୍ୟ ଅନ୍ୟର ସ୍ୱାଧୀନତାପ୍ରତି ବିପଦ ବା ହସ୍ତକ୍ଷେପ ସଦୃଶ ହେବା ଠିକ୍ ନୁହେଁ।

## ୨୩.୫ ସଠିକ୍ ପଦକ୍ଷେପର ଉପକାରୀ ଭୂମିକା

ଗଣତନ୍ତ୍ରର କାର୍ଯ୍ୟକାରିତା ପାଇଁ ନାଗିରୀକମାନଙ୍କର ଅଂଶଗ୍ରହଣ ଓ ଅଧିକାର ସଚେତନତା ଯଥେଷ୍ଟ ନୁହେଁ। ବାସ୍ତବିକ ଭାରତୀୟ ଗଣତନ୍ତ୍ର ସମ୍ମୁଖୀନ ହୋଇଥିବା ଆହ୍ୱାନର ଉଚିତ୍ ମୁକାବିଲା ପାଇଁ ଆବଶ୍ୟକୀୟ ସଠିକ୍ ପଦକ୍ଷେପ ଉତ୍ତର ନାଗରିକ ମାନଙ୍କର ଉପକାରୀ ଭୂମିକାଦ୍ୱାରା ସମ୍ଭବ ହୁଏ। ସେମାନେ ଆଇନକୁ ସମ୍ମାନ ଦେଇ ହିଂସା ପରିହାର କରିବା ଉଚିତ। ପ୍ରତ୍ୟେକଲୋକ ନିଜର ଓ ଅନ୍ୟର ଅଧିକାର ମଧ୍ୟରେ ସମତା ରକ୍ଷା କରିବା ବିଧେୟ। କୌଣସି ବ୍ୟକ୍ତି ପ୍ରକାଶ୍ୟରେ ଅନ୍ୟ କୌଣସି ଲୋକ ବିରୁଦ୍ଧରେ ବିକ୍ଷୋଦ୍‌ଗାର କରିବା ଠିକ୍ ନୁହେଁ। କୌଣସି ସରକାରୀ ନିଷ୍ପତ୍ତିର ସମାଲୋଚନା କରାଯାଇପାରେ, କିନ୍ତୁ ପ୍ରତ୍ୟାଖାନ ଅଯୌକ୍ତିକ ଅଟେ। ପ୍ରତ୍ୟେକ ଦଳରେ ସଦସ୍ୟମାନେ ନିଜ ପରମ୍ପରା ଉପରେ ନିୟନ୍ତ୍ରଣ ରଖିଲେ, ଅନ୍ୟ ଲୋକମାନେ ସମୟକ୍ରମେ  ଉକ୍ତ ଆଦର୍ଶକୁ ଗ୍ରହଣ କରିପାରିବେ। ନିଜର ମତାମତ ପ୍ରକାଶ କଲାବେଳେ ଅନ୍ୟର ମତାମତ ପ୍ରତି ସଚେତନ ହେବା ଦରକାର। କୌଣସି ଦାବୀ ଉପସ୍ଥାପନ ବେଳେ, ଏହା ଭାବିବା ଉଚିତ୍ ନୁହେଁ ଯେ, ସିମୀତ ଗଣତାନ୍ତ୍ରିକ ପ୍ରକ୍ରିୟାଦ୍ୱାରା ଆମର ସମସ୍ତ ଇଚ୍ଛା ପୂରଣ ହୋଇଯିବ। ଗଣତନ୍ତ୍ର ସର୍ବଦା ପରସ୍ପର ସହଯୋଗ ଓ ବିଶ୍ୱାସ ଉପରେ ଭରସା ରଖେ। ପ୍ରତ୍ୟେକ ବ୍ୟକ୍ତିଙ୍କର ଭିନ୍ନ ମତାମତ ଥିଲେ ବି, ସମସ୍ତେ ଏକତ୍ର ବସି ବୁଝାମଣାଭିତରେ ନିଷ୍ପତ୍ତି ନେବା ଗଣତାନ୍ତ୍ରିକ ଅଟେ। ଗଣତାନ୍ତ୍ରିକ ପନ୍ଥା ଉର୍ଦ୍ଧ୍ୱରେ କାର୍ଯ୍ୟକଲେ, ଜନସାଧାରଣଙ୍କ ହତାଶାଭାବ ହିଂସାର ରୂପ ନେବାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଏହା ସତ୍ୟ ଯେ, ଅନେକ ସମୟରେ ନାଗରିକମାନେ ନିଜର ସଠିକ୍ ମତ ପ୍ରକାଶନ କରି ଅନ୍ୟର ଭୁଲ ନିଷ୍ପତ୍ତିକୁ ମାନି ନେଇଥାନ୍ତି। ତୁମେ ପାଠଗତ ପ୍ରଶ୍ନାବଳୀ ୨୩.୨ରେ ସୁନିଲ ପରିବାରରେ ଅନ୍ୟ ସଦସ୍ୟମାନେ ତାଙ୍କର ମତାମତ ପ୍ରକାଶ ନକରି ଜେଜେ ବାପାଙ୍କର ଭୁଲ ନିଷ୍ପତ୍ତିକୁ ଗ୍ରହଣ କରିଥିଲେ।

### ଅଭ୍ୟାସ ୨୩.୫

ବର୍ତ୍ତମାନ ଜଣେ ଗଣତାନ୍ତ୍ରିକ ନାଗରିକ କିପରି ତାର ଭୂମିକା ତୁଲାଉଛି ତାହା ତୁମେ ବୁଝିବାକୁ ଚେଷ୍ଟାକର। ସବୁଠାରୁ ଏହା କୌତୁହଳ ବିଷୟ ହେବ, ଯଦି ତୁମେ ନିଜେ ଯେତେଦୂର ଗଣତାନ୍ତ୍ରିକ ଏହା ବୁଝିପାରିବ।

ନିମ୍ନରେ କେତେକ ବାକ୍ୟ ଦିଆଯାଇଛି, ତାହା ଭୁଲ କି ଠିକ୍ ଲେଖ –

| କ୍ର.ନଂ | ରାଜ୍ୟ | ଭୁଲ୍/ଠିକ୍ |
|---|---|---|
| ୧. | ସରକାରଙ୍କୁକ ଉତ୍ତରଦାୟୀ କରିବା ପାଇଁ ସୂଚନା ଆଇନ-୨୦୦୫, ନାଗରିକ ମାନଙ୍କ ହସ୍ତରେ ଏକ ପ୍ରଧାନ ଅସ୍ତ୍ର। | |
| ୨. | ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ଗୋଷ୍ଠୀର ଲୋକମାନଙ୍କୁ ସମାନଭାବେ ଦେଖାଯାଏ। | |
| ୩. | ତୁମ ପରିବାରରେ ମହିଳା ଓ ଝିଅମାନେ, ପୁରୁଷ ଓ ପୁଅମାନଙ୍କ ସଦୃଶ ଏକା ବ୍ୟବହାର ପାଆନ୍ତି ନାହଁ | |

| | | |
|---|---|---|
| ୪. | ତୁମେ ଅନ୍ୟର ଅଧିକାରକୁ ପ୍ରଭାବିତ କରୁଥିବା କୌଣସି କାର୍ଯ୍ୟ କରନାହିଁ। | |
| ୫. | ମହିଳା, ହରିଜନ ଓ ଆଦିବାସୀ ମାନଙ୍କ ପାଇଁ ଚାଲିଥିବା ସଂରକ୍ଷଣ ବ୍ୟବସ୍ଥା ଭାରତୀୟ ଗଣତନ୍ତ୍ର ପାଇଁ ଅନୁକୂଳ ନୁହେଁ। | |

## ପାଠଗତ ପ୍ରଶ୍ନାବଳୀ ୨୩.୪

୧. ଗଣତାନ୍ତ୍ରିକ ପ୍ରକ୍ରିୟାରେ ନାଗରିକମାନଙ୍କ ଅଂଶଗ୍ରହଣ ଅର୍ଥ କ'ଣ ବୁଝାଯାଏ ?

୨. ସରକାରଙ୍କୁ ଉତ୍ତରଦାୟୀ କରିବାପାଇଁ କେଉଁ ସୁଯୋଗ ଗୁଡିକ ସାଧାରଣ ନାଗରିକ ଉପଭୋଗ କରନ୍ତି ?

୩. ଶୂନ୍ୟସ୍ଥାନ ପୂରଣ କର -

(କ) ଯଦି କୌଣସି କାର୍ଯ୍ୟ ତୁମର ଅଧିକାର ବୋଲି ଭାବୁଛ, ଏହା ମଧ୍ୟ ତୁମର --ଯେ, ଯେପରିକି ତୁମର ____________କାର୍ଯ୍ୟ ଅନ୍ୟର ____________ ଉପରେ ହସ୍ତକ୍ଷେପ ସଦୃଶ ନୁହେଁ।

(ଖ) ନାଗରିକମାନେ ____________ କୁ ସମ୍ମାନ ଓ ____________ କୁ ପ୍ରତ୍ୟାଖାନ କରିବା ଉଚିତ୍।

(ଗ) ପ୍ରତ୍ୟେକଙ୍କର ନିଜ ____________ ପରମ୍ପରା ପାଳନ କରିବା ଅଧିକାର ଅଛି ଓ ଏହାକୁ ____________ କରିବା ଦାୟିତ୍ୱ ମଧ୍ୟ ଅଛି।

(ଘ) ଯେତେବେଳେ ଜଣେ ନାଗରିକ ନିଜର ____________ ପ୍ରଦାନ କରେ, ସେ ମଧ୍ୟ ଅନ୍ୟର ____________ ଶୁଣିବା ଉଚିତ୍।

## ତୁମେ, କ'ଣ ଶିକ୍ଷାଲାଭ କଲ

- ଗଣତନ୍ତ୍ର ଏକ ପ୍ରକାର ଶାସନବ୍ୟବସ୍ଥା ଯେଉଁଠାରେ ସର୍ବୋଚ୍ଚ କ୍ଷମତା ଜନସାଧାରଣଙ୍କ ହାତରେ ଥାଏ। ସେମାନେ ପ୍ରତ୍ୟେକ୍ଷ ବା ପରୋକ୍ଷଭାବେ ନିଜର ପ୍ରତିନିଧିମାନଙ୍କୁ ବାଛନ୍ତି, ଯେଉଁମାନେ ଦେଶର ଶାସନବ୍ୟବସ୍ଥାକୁ ନିୟନ୍ତ୍ରଣ କରନ୍ତି।
- ଗଣତନ୍ତ୍ର, ପ୍ରକୃତପକ୍ଷେ, ଦେଶର ଜନସାଧାରଣଙ୍କ ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ଲକ୍ଷ ପୂରଣ ଦିଗରେ ସହାୟକ ହୁଏ।
- ଭାରତୀୟ ଗଣତନ୍ତ୍ର କିଛି ବର୍ଷ ଧରି କେତେକ ଆବଶ୍ୟକ ପଦକ୍ଷେପ କାର୍ଯ୍ୟକାରୀ କରିବା ପାଇଁ ଚିନ୍ତାକରି ଚାଲିଛି। ଦେଶ ଆଗରେ ଅନେକ ବିପଦ ଏବେ ବି ଆହ୍ୱାନ ସ୍ୱରୁପ ଠିଆହୋଇଛି। ଏମାନଙ୍କ ମଧ୍ୟରୁ ନିରକ୍ଷରତା, ସାମାଜିକ ଓ ଅର୍ଥନୈତିକ ଅସମତା, ଦାରିଦ୍ର୍ୟ, ଜାତିପ୍ରଥା, ସାମ୍ପ୍ରଦାୟିକତା, ମୌଳବାଦୀ ଚିନ୍ତାଧାରା, ଆଞ୍ଚଳିକବାଦ ଓ ସର୍ବୋପରି ରାଜନୈତିକ ହିଂସାର

ପ୍ରକୋପ ପ୍ରଶାସନ ଓ ଜନସାଧାରଣଙ୍କୁ ଚିନ୍ତାରେ ପକାଇଛି ।

- ଭାରତୀୟ ଗଣତନ୍ତ୍ରର ଅବସ୍ଥା ସୁଧାରିବା ପାଇଁ, କିଛି ସଠିକ୍ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ ଅଟେ । ଉକ୍ତ ପଦକ୍ଷେପ ମାନଙ୍କ ମଧ୍ୟରୁ ସାର୍ବଜନୀନ ଶିକ୍ଷା, ଦାରିଦ୍ର୍ୟ ଦୂରୀକରଣ ଯୋଜନା, ଶାସନଗତ ଓ ନ୍ୟାୟିକ ବ୍ୟବସ୍ଥାର ସଂସ୍କାର ଏବଂ ସ୍ଥାୟୀଭାବେ ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ଅବସ୍ଥାର ଉନ୍ନତି ପାଇଁ କିଛି ଜରୁରୀ କାର୍ଯ୍ୟକ୍ରମର ଆବଶ୍ୟକତା ବଢ଼ିଯାଇଛି ।

- ଯାହାହେଉ, ଭାରତୀୟ ଗଣତନ୍ତ୍ର ସଫଳତାର ସହ ଆଗେଇ ଚାଲିବ, ଯେତେବେଳେ ଏ ଦେଶର ନାଗରିକମାନେ ସେମାନଙ୍କ ଗଣତନାନ୍ତ୍ରିକ ମୂଲ୍ୟବୋଧ ଯଥା – ସମାନତା, ସ୍ୱାଧୀନଚିନ୍ତା ଓ ଉତ୍ତରଦାୟୀ ସ୍ୱାଭାବକୁ ନିଜ କାର୍ଯ୍ୟରେ ପ୍ରତିଫଳିତ କରିବେ । ସେମାନେ ମଧ୍ୟ ନିଜର ଭୂମିକା ସଂପର୍କରେ ସଚେତନ ହୋଇ ଦେଶ ଗଠନରେ ସହାୟକ ମଧ୍ୟ ହେବେ । ଉକ୍ତ ଭୂମିକା ମାନଙ୍କ ମଧ୍ୟରେ, ଶାସନ ପ୍ରକ୍ରିୟାରେ ଅଂଶଗ୍ରହଣ, ପ୍ରଶାସନକୁ ଉତ୍ତରଦାୟୀ କରିବା, ଶାସନପ୍ରତି ଆନୁଗତ୍ୟ ଭାବର ପ୍ରକାଶ ପ୍ରଭୃତି କାର୍ଯ୍ୟ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବ ।

## ଅନ୍ତିମ ପ୍ରଶ୍ନାବଳୀ

୧. ଗଣତନ୍ତ୍ର କାହାକୁ କହନ୍ତି ? ତୁମେ କାହିଁକି ଭାବୁଛ, ଯଦି ଗଣତନ୍ତ୍ରକୁ କେବଳ ରାଜନୈତିକ ପରିପ୍ରେକ୍ଷୀରେ ବ୍ୟବହାର କରାଯାଏ, ଏହା ସମ୍ପୂର୍ଣ୍ଣ ଅର୍ଥ ପ୍ରକାଶ କରିବ ନାହିଁ ।

୨. କୌଣସି ଶାସନ ପଦ୍ଧତିକୁ ଗଣତାନ୍ତ୍ରିକ କରିବା ପାଇଁ କେଉଁ ସର୍ତ୍ତ ଗୁଡିକ ପୂରଣ କରିବା ନିହାତି ଆବଶ୍ୟକ ?

୩. ଭାରତୀୟ ଗଣତନ୍ତ୍ର ପାଇଁ ଉଦ୍ଦିଷ୍ଟ ଆହ୍ୱାନ ଗୁଡିକ ମଧ୍ୟରୁ କେଉଁ ଗୁଡିକ ମୁଖ୍ୟ ? ଉକ୍ତ ଆହ୍ୱାନ ମାନଙ୍କର ଯଥାର୍ଥତା କିପରି ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ପ୍ରଭାବଶାଳୀ କରିପାରିବ ?

୪. ଭାରତୀୟ ଗଣତନ୍ତ୍ରରେ ହିଂସା ଓ ପ୍ରତିବାଦର ସ୍ୱର ଅନେକ ସମୟରେ ଦେଖାଯାଏ । ଉକ୍ତ ପ୍ରତିବାଦ କାହିଁକି ହିଂସାର ରୂପ ନିଏ ?

୫. ଭାରତୀୟ ଗଣତନ୍ତ୍ର ପାଇଁ ସୃଷ୍ଟି ହୋଇଥିବା ଆହ୍ୱାନ ଗୁଡିକରେ ଉଚିତ୍ ମୁକାବିଲା କିପରି କରାଯାଇପାରିବ ?

୬. ଭାରତର ସାମାଜିକ ବ୍ୟବସ୍ଥା ଓ ସରକାରଙ୍କ କାର୍ଯ୍ୟଧାରାକୁ ଦୃଷ୍ଟିରେ ରଖି, ଦେଶର ନାଗରିକ ମାନଙ୍କ ଭୂମିକା କ'ଣ ହେବ ? ଆଲୋଚନା କର ।

୭. ଉତ୍ତର ଭାରତୀୟ ନାଗରିକ ପାଇଁ କେଉଁ ସର୍ତ୍ତଗୁଡିକ ପୂରଣ ହେବା ଦରକାର ?

୮. ଉତ୍ତମ ନାଗରିକର ଗୁଣ ଗୁଡିକ ଲେଖ ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର ୨୩.୧

୧. ଗଣତନ୍ତ୍ର ଏକ ପ୍ରକାର ଶାସନ ବ୍ୟବସ୍ଥା, ଯେଉଁ ବ୍ୟବସ୍ଥାରେ ସର୍ବୋଚ୍ଚ ଶାସନ କ୍ଷମତା ଜନସାଧାରଣଙ୍କ ହସ୍ତରେ ଥାଏ। ସେମାନେ ପ୍ରତ୍ୟେକ୍ଷ ବା ପରେକ୍ଷଭାବେ ପ୍ରତିନିଧିମାନଙ୍କୁ ନିର୍ବାଚିତ କରି ଉକ୍ତ କ୍ଷମତାର ଅଧିକାରୀ ହୋଇଥାନ୍ତି। ସଂକ୍ଷେପରେ କହିଲେ, ଏହା ଏକ ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା।

୨. ସମାଜ ଓ ବ୍ୟକ୍ତିକୁ ବାଦ ଦେଇ ଗଣତାନ୍ତ୍ରିକ ବ୍ୟବସ୍ଥାର ସ୍ଥିତି ନାହିଁ। ବର୍ତ୍ତମାନ ଯୁଗରେ ଏହାଏକ ସାଧାରଣ ଶାସନ ପଦ୍ଧତି। ପ୍ରକୃତରେ କରିବାକୁ ଗଲେ, ଗଣତନ୍ତ୍ର ଅର୍ଥ – (କ) ଏହାଏକ ଶାସନ ବ୍ୟବସ୍ଥା (ଖ) ଏହା ଏକ ସାମାଜିକ ପ୍ରକ୍ରିୟାର ଆଧାର (ଗ) ଏହା ଅର୍ଥନୈତିକ ଅବସ୍ଥାର ରୂପଲେଖ (ଘ) ଜୀବନ ଓ ସଂସ୍କୃତି ନିର୍ବାହ କରିବାର ଏକ ରାସ୍ତା ଭାରତୀୟ ଗଣତନ୍ତ୍ର କେବଳ ରାଜନୈତିକ ଶାସନ ବ୍ୟବସ୍ଥାକୁ ବୁଝାଏ ନାହିଁ, ଏହାମଧ୍ୟ ଭାରତୀୟ ସମାଜ ଓ ପ୍ରତ୍ୟେକ ନାଗରିକଙ୍କ ଗଣତାନ୍ତ୍ରିକ ଚିନ୍ତାଧାରକୁ ବୁଝାଏ, ଯେଉଁମାନଙ୍କ ଠାରେ, ସାମ୍ୟଭାବ, ସ୍ୱତନ୍ତ୍ରତା, ଭାତୃଭାବ, ନିରପେକ୍ଷତା ଓ ନ୍ୟାୟସଂଗତ ବ୍ୟବହାର ପ୍ରଭୃତି ଗଣତାନ୍ତ୍ରିକ ମୂଲ୍ୟବୋଧ ରହିଛି।

୩. କୌଣସି ନିର୍ଦ୍ଦିଷ୍ଟ ଶାସନ ବ୍ୟବସ୍ଥା, ଏକ ସଫଳ ଗଣତାନ୍ତ୍ରିକ ବ୍ୟବସ୍ଥାରେ ପରିଣତ ହେବ, ଯଦି ଏହା କେତେକ ରାଜନୈତିକ ସର୍ତ୍ତ ପୂରଣ କରିବ। ଏଗୁଡିକ ହେଲା

(କ) ଏହାର ସମ୍ବିଧାନରେ, ସର୍ବୋଚ୍ଚ କ୍ଷମତା ଜନସାଧାରଣଙ୍କ ହାତରେ ରହିବାପାଇଁ ବ୍ୟବସ୍ଥା ଥିବ। ଲୋକଙ୍କ ମୌଳିକ ଅଧିକାର ଗୁଡି ଯଥା – ସମାନତା, ସ୍ୱାତନ୍ତ୍ର୍ୟ, ବାକ୍‌ସ୍ୱାଧୀନତା ପ୍ରଭୃତି ସୁଯୋଗ ଗୁଡିକ ଉପଯୋଗ କରିବାର ନିରାପତ୍ତା ଯୋଗାଇ ଦିଆଯିବ। ଏହା ବ୍ୟତୀତ ସାର୍ବଜନୀନ ସାବାଳକ ଭୋଟ ଅଧିକାର ଓ ଉତ୍ତରଦାୟୀ ସରକାର ପାଇଁ ନିଶ୍ଚିତ ସୁଯୋଗ ରହିବା ଦରକାର। ଜାତିପ୍ରଥା ରାଜନୀତି କରଣକୁ ବିରୋଧ କରାଯିବା ଉଚିତ୍।

(ଖ) ସାମାଜିକ ଓ ଅର୍ଥନୈତିକ ସର୍ତ୍ତମାନଙ୍କ ମଧ୍ୟରେ, (୧) ଗଣତାନ୍ତ୍ରିକ ମୂଲ୍ୟବୋଧ ଭିତରେ ସାମଜିକ ଉନ୍ନତି, ନିରାପତ୍ତା ଓ ପଦମର୍ଯ୍ୟାଦାର ବୃଦ୍ଧି (୨) ଗରିବ ଓ ଦୁର୍ବଳଶ୍ରେଣୀ ଲୋକମାନଙ୍କର ଅର୍ଥନୈତିକ ପ୍ରଗତି ପାଇଁ ସୁଯୋଗ ସୃଷ୍ଟି। ଧାର୍ମିକ ମତବାଦର ଅପବ୍ୟବହାର କରି ଗଣତାନ୍ତ୍ରିକ ମୂଲ୍ୟବୋଧଠାରୁ ଦୁରେଇ ଯିବା ଗଣତନ୍ତ୍ର ପ୍ରତି ବିପଦ।

### ୨୩.୨

୧ (କ) ନିରକ୍ଷରତା, ଅସମତା ଓ ଦାରିଦ୍ର୍ୟ ଭାରତୀୟ ଗଣତନ୍ତ୍ର ପାଇଁ ପ୍ରତିବନ୍ଧକ ଅଟେ। ନିରକ୍ଷର ନାଗରିକମାନେ, ମତଦାନ ଦେବାରେ ଓ ସେମାନଙ୍କର ଭୂମିକାକୁ ଠିକ୍ ଭାବେ ନିର୍ବାହ କରିପାରୁ ନାହାନ୍ତି। ସ୍ୱାକ୍ଷରତା, ନାଗରିକମାନଙ୍କୁ ଦେଶର ବିଭିନ୍ନ ସମସ୍ୟା, ଦାବୀ ଓ ସ୍ୱାର୍ଥ ବିଷୟରେ ସଚେତନ କରିବା ସଙ୍ଗେ ସଙ୍ଗେ ବ୍ୟକ୍ତି ସ୍ୱାତନ୍ତ୍ର୍ୟ ଓ ସମାନତା ଉପରେ ଗୁରୁତ୍ୱ ଦେବାପାଇଁ ପ୍ରବର୍ତ୍ତେଇ ଥାଏ।

(ଖ) ଦାରିଦ୍ର୍ୟ ସକଳ ଉନ୍ନତିର ପ୍ରତିବନ୍ଧକ। ଏହା ସମସ୍ତ ପ୍ରକାର ବିଫଳତା ଓ ଅସମତା ପାଇଁ ଦାୟୀ। ଏକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟପ୍ରଦ ଜୀବନ ପାଇଁ ଆବଶ୍ୟକ ସୁବିଧା ଓ ସୁଯୋଗକୁ ଏହା





ଉପଯୋଗ କରିପାରେ ନାହିଁ। ଜୀବନ ନିରର୍ଥକ ହୁଏ।

୨. ହଁ, ଜନପ୍ରିୟ ମନୋରଂଜନ କାର୍ଯ୍ୟକ୍ରମ ଓ ଚଳଚ୍ଚିତ୍ର, ମହିଳା ଓ ପୁରୁଷ ମାନଙ୍କ ଭିତରେ ବିଭେଦତା ସୃଷ୍ଟି କରିଥାଏ। ବାସ୍ତବିକ୍, ଟେଲିଭିଜନ ବିଭିନ୍ନ ଧାରାବାହିକ ଦୃଶ୍ୟରେ, ମହିଳାମାନେ, ମା, ଭଉଣୀ, ସ୍ତ୍ରୀ, ଝିଅ, ଶାଶୁ, ଶାଳୀ ପ୍ରଭୃତି ଭୂମିକାରେ ଦେଖିବାକୁ ମିଳନ୍ତି। ଏହା ସତ୍ୟ ଯେ ସେମାନଙ୍କ ମଧ୍ୟରୁ ଅଳ୍ପ କେହି ଏଭଳି ଲିଙ୍ଗଭେଦ ପରମ୍ପାରିକ ଭୂମିକାକୁ ପସନ୍ଦ କରି ନଥାନ୍ତି।

୩. **ଜାତିପ୍ରଥା** – ପ୍ରଚଳିତ ଜାତିପ୍ରଥା ଏକ ଅସାମାଜିକ କଳଙ୍କିତ ବ୍ୟବସ୍ଥା। ଏହାର ସାମ୍ବିଧାନିକ ପ୍ରତିକାର ଥାଇ ମଧ୍ୟ, ଏହା ସମାଜରେ ତିଷ୍ଠି ରହିଛି। ଦଳିତମାନେ ବର୍ତ୍ତମାନ ସୁଦ୍ଧା ବାସନ୍ଦ ବ୍ୟବସ୍ଥା ଭିତରେ କାଳାତିପାତ କରୁଛନ୍ତି। ନିଚ୍ଚଜାତିର ଲୋକମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସାମାଜିକ ସୁବିଧା ସୁଯେଗରୁ ବଞ୍ଚିତ କରାଯାଇ ଜୀବନର ମୂଖ୍ୟସ୍ରୋତରୁ ଅଲଗା କରାଯାଉଛି। ଜାତିଭେଦକୁ ନେଇ ମଧ୍ୟ ରାଜନୀତି ଚାଲିଛି। ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥପାଇଁ ଜାତିପ୍ରଥାକୁ ଅସ୍ତ୍ର କରାଯାଉଛି, ଯାହା ଗଣତନ୍ତ୍ରର ବିରୋଧି ଅଟେ। ସାମ୍ପ୍ରଦାୟିକତା ଭାରତର ସହାବସ୍ଥାନ ନୀତିକୁ ଧ୍ୱଂସ କରିଦେଉଛି। ଦେଶରେ, ସ୍ୱାଧୀନତା, ପ୍ରାପ୍ତି ପରେ ବି ଅନେକ ସାମ୍ପ୍ରଦାୟିକ ଦଙ୍ଗା ଘଟି ଚାଲିଛି। ନିର୍ବାଚନ ସମୟରେ ବିଭିନ୍ନ ଧାର୍ମିକ ମୌଳବାଦୀମାନେ ଧାର୍ମିକ ଚିନ୍ତାଧାରାର ଅପବ୍ୟବହାର କରି ଜନମତକୁ ବିଭ୍ରାନ୍ତି କରୁଛନ୍ତି।

୪. ଦେଶରେ ସମସ୍ତ ଅଞ୍ଚଳରେ ବିକାଶଧାରା ସମପରିମାଣରେ ହେବାର ଲକ୍ଷ ଥିଲେ ବି, ତାହା ହୋଇପାରୁ ନାହିଁ। ଆଞ୍ଚଳିକ ବୈଷମ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, କୃଷି ପ୍ରଭୃତି କ୍ଷେତ୍ରରେ ରହିବା ଦ୍ୱାରା ରାଜ୍ୟ ତଥା ରାଜ୍ୟ ଭିତରେ ପ୍ରତିଦ୍ୱନ୍ଦିତା ଓ ଭେଦଭାବ ସୃଷ୍ଟି ହେଉଛି।

୫. ରାଜନୀତିରେ ବଳପ୍ରୟୋଗ ବ୍ୟବସ୍ଥା ଦୀର୍ଘଦିନ ଧରି ଚାଲିଆସୁଛି। ପ୍ରତ୍ୟେକ ଦଳ ନିର୍ବାଚନରେ ଜୟଲାଭ ପାଇଁ ଅପରାଧୀମାନଙ୍କ ସାହାଯ୍ୟ ନେଇଥାନ୍ତି। ୧୯୬୪ ମସିହା ପୂର୍ବରୁ ନେତାମାନେ ଅପରାଧିମାନଙ୍କର ତ୍ରାଣକର୍ତ୍ତା ଥିଲେ। ବର୍ତ୍ତମାନ ଅପରାଧୀମାନେ ନେତାମାନଙ୍କର ନିରାପତ୍ତାର ମାଧ୍ୟମ ଅଟନ୍ତି।

୬. ଉଚ୍ଚ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ନିଜର ସ୍ୱାର୍ଥ ପାଇଁ ନିଜ ଭିତରେ ଗଣ୍ଡଗୋଳ ସୃଷ୍ଟି କରୁଛନ୍ତି, ଯାହା ରାଜନୈତିକ ହିଂସାକାଣ୍ଡର ଏକ ପ୍ରମୁଖ କାରଣ ଅଟେ। ଏହା ମୂଖ୍ୟତଃ କୃଷିର ବିକାଶ, ଜମିଦାରୀପ୍ରଥାର ବିଲୋପ ଓ ସବୁଜ ବିପ୍ଳବ ସଂପର୍କୀୟ ସମସ୍ୟାମାନଙ୍କରୁ ସୃଷ୍ଟି ହୋଇଥାଏ। ସେମାନଙ୍କ ମଧ୍ୟରେ ରାଜନୈତିକ କ୍ଷମତା ଦଖଲ ପାଇଁ ପ୍ରତିଦ୍ୱନ୍ଦିତା ବଢ଼ି ହିଂସାରେ ପରିଣତ ହୁଏ। ହରିଜନ ଓ ଅନଗ୍ରସର ଶ୍ରେଣୀ ଲୋକମାନଙ୍କର ସଚେତନତା, ଉଚ୍ଚବର୍ଗର ଲୋକମାନଙ୍କ ମଧ୍ୟରେ ଅଯଥା ପ୍ରତିକ୍ରିୟା ସୃଷ୍ଟିର କାରଣ ଅଟେ। ନୂତନ ରାଜ୍ୟ ସୃଷ୍ଟିପାଇଁ ଦାବୀ ଓ ରାଜ୍ୟମାନଙ୍କର ସୀମା ନିର୍ଦ୍ଧାରଣ ଜନିତ ଅସନ୍ତୋଷଭାବ ହିଂସା ସୃଷ୍ଟିରେ ସହାୟକ ହୋଇଥାଏ। ସ୍ୱତନ୍ତ୍ର ରାଜ୍ୟ ସୃଷ୍ଟିପାଇଁ ତେଲେଙ୍ଗାନା ଦାବୀ ଏହାର ଏକ ଉଦାହରଣ ଅଟେ। ବେଳେବେଳେ ଛାତ୍ର ଆନ୍ଦୋଳନ ଶ୍ରମିକ ଆନ୍ଦୋଳନ ପ୍ରଭୃତି ହିଂସାତ୍ମକ ରୂପ ନେବାର ନଜିର ରହିଛି।

**୨୩.୩** ସାର୍ବଜନୀନ ସ୍ୱାକ୍ଷରତା ପାଇଁ ଦେଶବ୍ୟାପୀ "ସ୍ୱାକ୍ଷର ଭାରତ" ଅଭିଯାନ ଚାଲିଛି। କହିବାକୁ ଗଲେ, ସର୍ବଶିକ୍ଷା ଅଭିଯାନ ୬ବର୍ଷରୁ ୧୪ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ଯୁଦ୍ଧତରୀ ସଦୃଶ କାମ କରୁଛି। ଏହାବ୍ୟତୀତ ଭାରତୀୟ ସଂସଦର ଶିକ୍ଷା ଆଇନ ୨୦୦୯, ୧୪ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ବାଧ୍ୟତାମୂଳକ ଭାବେ ଶିକ୍ଷା ଦେବାପାଇଁ କରିଥିବା ଶିକ୍ଷା ବ୍ୟବସ୍ଥା, ଏକ ମୌଳିକ ଅଧିକାରରେ ପରିଣତ ହୋଇଛି।

### ଦାରିଦ୍ର୍ୟ ଦୂରୀକରଣ ପାଇଁ ଦୁଇପ୍ରକାର ଯୋଜନା କାର୍ଯ୍ୟକାରୀ ହେଉଛି।

କ. ଲୋକମାନଙ୍କୁ ଦାରିଦ୍ର୍ୟ ସୀମାରେଖାଠାରୁ ଉର୍ଦ୍ଧ୍ୱରେ ରଖିବା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଉତ୍ପାଦନ ସାମଗ୍ରୀ ଓ ବ୍ୟବହାର କୌଶଳ ଯୋଗାଇ ଦିଆଯାଉଛି ଯଦ୍ୱାରା ସେମାନଙ୍କର ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିବ।

ଖ. ଗରିବ ଭୂମିହୀନ ଲୋକମାନଙ୍କୁ ମଜୁରୀଭିତ୍ତିକ ନିଯୁକ୍ତି ଦିଆଯାଉଛି। ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଆବଶ୍ୟକ ଖାଦ୍ୟ ମଧ୍ୟ ଯୋଗାଇ ଦିଆଯାଉଛି। ଯୋଜନା ମାଧ୍ୟମରେ, ଦାରିଦ୍ର୍ୟ ସୀମାରେଖା ତଳେ ଲୋକମାନଙ୍କୁ ସେମାନଙ୍କ ରୋଜଗାର ପାଇଁ ଉଦ୍ଦିଷ୍ଟ ସାମଗ୍ରୀ କିଣିବା ପାଇଁ ଆର୍ଥୀକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଜବାହାର ରୋଜଗାର ଯୋଜନା ଦ୍ୱାରା ବର୍ଷକୁ ୩୦୦ ନିଯୁତ ଦିନରେ କାର୍ଯ୍ୟଦିନ ସୃଷ୍ଟି କରାଯାଉଛି। ଏହା ବ୍ୟତୀତ ଗ୍ରାମାଞ୍ଚଳର ଯୁବକମାନଙ୍କ ଆତ୍ମନିଯୁକ୍ତି ପାଇଁ ଆବଶ୍ୟକୀୟ ପ୍ରଶିକ୍ଷଣ ଯୋଗାଇ ଦିଆଯାଉଛି।

୨. ରାଜ୍ୟମାନଙ୍କମଧ୍ୟରେ ଆଞ୍ଚଳିକ ବୈଷମ୍ୟ ଦୂରୀକରଣ ପାଇଁ ଅନେକ ଗୁଡିଏ କେନ୍ଦ୍ରୀୟ ଯୋଜନା ଦୁଇତିନି ଦଶନ୍ଧି ଧରି କାର୍ଯ୍ୟକାରୀ ହେଉଛି। ଏହାଦ୍ୱାରା ପଛୁଆ ଅଞ୍ଚଳର ବିକାଶ ହୋଇପାରୁଛି। ଉକ୍ତ ଯୋଜନା ମାନଙ୍କ ମଧ୍ୟରେ ମୁଖ୍ୟ - (କ) ଆଦିବାସୀ ବିକାଶ ଯୋଜନା (ଖ) ପାହାଡିଆ ଓ ଦେଶର ସୀମା ଅଞ୍ଚଳର ବିକାଶ ଯୋଜନା (ଗ) ପଶ୍ଚିମଘାଟ ଓ ମରୁଡି ପ୍ରପିଡିତ ଅଞ୍ଚଳ ମାନଙ୍କର ବିକାଶ ଯୋଜନା ପ୍ରଭୃତି ଅନ୍ୟତମ।

୩. ପ୍ରଶାସନିକ ସଂସ୍କାର ପାଇଁ ନିମ୍ନଲିଖିତ ପ୍ରସ୍ତାବଗୁଡିକ କାର୍ଯ୍ୟକାରୀ ହେବା ଉଚିତ୍। (କ) ଶାସନବ୍ୟବସ୍ଥାକୁ ଉତ୍ତରଦାୟୀ କରିବା (ଖ) ଉତ୍ତମ ଶାସନ ପାଇଁ ଶାସନ ବ୍ୟବସ୍ଥାର ଦକ୍ଷତା ବୃଦ୍ଧି କରିବା। (ଗ) ପ୍ରଶାସନର ପୁନଃଗଠନ କରି ଲୋକମାନଙ୍କର ଅଂଶଗ୍ରହଣ, କ୍ଷମତାର ବିକେନ୍ଦ୍ରୀକରଣ ଓ ବଣ୍ଟନ ପ୍ରକିୟାକୁ ତ୍ୱରାନ୍ୱିତ କରିବା। (ଘ) ପ୍ରଶାସନିକ ନିଷ୍ପତ୍ତିକୁ ଅଧିକ ଉପଯୋଗୀ ଓ ସ୍ୱଚ୍ଛକରିବା (ଙ) ସାଧାରଣ ସେବା କ୍ଷେତ୍ରରେ ନୈତିକତା ଓ ମୂଲ୍ୟବୋଧ ପ୍ରତିଷ୍ଠା କରିବା।

ନ୍ୟାୟପାଳିକାର ସଂସ୍କାର ପାଇଁ ପ୍ରସ୍ତାବ -

୧. ଆଇନ ଓ ତତ୍ସଂପର୍କୀୟ ଧାରାର ସରଳୀକରଣ।
୨. ପୁରୁଣା ଓ ଅନାବଶ୍ୟକ ଆଇନ ଗୁଡିକୁ ରଦ୍ଦ କରିବା।
୩. ଲୋକସଂଖ୍ୟା ଭିତ୍ତିରେ ବିଚାରପତି ନିଯୁକ୍ତି।
୪. ଖାଲିଥିବା ବିଚାରପତି ଆସନ ଗୁଡିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୂରଣ।
୫. ବିଚାରପତି ମାନଙ୍କ ନିଯୁକ୍ତି, ବଦଳି ଓ ପ୍ରମୋଶନ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା।

୪. ମନୁଷ୍ୟର ଆବଶ୍ୟକତା ପୂରଣ ପାଇଁ ସଂଭାବ୍ୟ ବିକାଶ ଧାରା ଏକ ସମ୍ବଳ ସଦୃଶ। ଏହାର ପରିବେଶୀୟ ସଂରକ୍ଷଣ ଦ୍ୱାରା ବର୍ତ୍ତମାନ ଓ ଭବିଷ୍ୟତର ଜନସାଧାରଣ ଉପକୃତ ହେବେ। ବ୍ୟକ୍ତି ବିଶେଷଙ୍କ ସାମୁହିକ ଉନ୍ନତି ପାଇଁ ବିକାଶଧାରା ଅପରିହାର୍ଯ୍ୟ। ତେଣୁ ଏହା ଦାରିଦ୍ର୍ୟ, ନିରକ୍ଷରତା, ଜାତିଗତ ବୈଷମ୍ୟତା ଓ ନିଯୁକ୍ତି କ୍ଷେତ୍ରକୁ ଅଧିକ ଗୁରୁତ୍ୱ ପ୍ରଦାନ କରିବା ଉଚିତ୍।

**୨୩.୪**

୧. ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଂଶଗ୍ରହଣ କେବଳ ନିର୍ବାଚନରେ ଅଂଶଗ୍ରହଣ କରିବାରେ ସୀମିତ ନୁହେଁ। କୌଣସି ରାଜନୈତିକ ଦଳରେ ସାମିଲ ହେବା କିମ୍ବା କୌଣସି ସ୍ୱାଧୀନ ବେସରକାରୀ ସଂଗଠନର ସଦସ୍ୟ ହେବା, ଅଂଶଗ୍ରହଣର ମୁଖ୍ୟ ପ୍ରକ୍ରିୟା ଅଟେ। ଉକ୍ତ ସଂଗଠନ ଗୁଡ଼ିକୁ ମହିଳା, ଛାତ୍ର, କୃଷକ, ଶ୍ରମିକ, ଡାକ୍ତର ଓ ଶିକ୍ଷକ ପ୍ରଭୃତି ଗୋଷ୍ଠୀର ଲୋକମାନେ ନିଜର ସ୍ୱାର୍ଥ ପାଇଁ ସୃଷ୍ଟି କରିଥାନ୍ତି।

୨. ନାଗରିକମାନେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଉତ୍ତରଦାୟୀ କରିବା ଉଚିତ୍। ସେମାନେ ନିଶ୍ଚିତ ହେବା ଉଚିତ୍ ଯେ, ସଂସଦ ସଭ୍ୟ, ବ୍ୟବସ୍ଥାପକ ସଭ୍ୟ ଓ ନିଗମ ମାନଙ୍କର ନିର୍ବାଚିତ ପ୍ରତିନିଧିମାନେ ସର୍ବଦା ସେମାନଙ୍କର କାର୍ଯ୍ୟ ପ୍ରକ୍ରିୟା ପାଇଁ ଉତ୍ତରଦାୟୀ ହେବେ। ସୂଚନା ଆଇନ ୨୦୦୫, ନାଗରିକ ମାନଙ୍କ ହସ୍ତରେ ଏକ ଆଇନ ସମ୍ମତ ବ୍ୟବସ୍ଥା, ଯାହା ସେମାନଙ୍କର ଗୁରୁତ୍ୱକୁ ବହୁ ପରିମାଣରେ ବଢ଼ାଇ ଦେଇଛି।

୩. **ଶୂନ୍ୟସ୍ଥାନ ପୂରଣ କର -**

(କ) ଦାୟିତ୍ୱ, ଅଧିକାର

(ଖ) ଆଇନ, ହିଂସା

(ଗ) ସଂସ୍କୃତି, ନିୟନ୍ତ୍ରଣ

(ଘ) ମତାମତ, ମତ।

# ୨୪

# ଜାତୀୟ ସଂହତି ଓ ଧର୍ମନିରପେକ୍ଷବାଦ

ତୁମ ମାନଙ୍କ ଭିତରୁ ପ୍ରାୟ ସମସ୍ତେ ଜାତୀୟ ସଂଗୀତ "ଜନ ଗଣମନ ..... ଗାଇଥିବ। ଏହା ବିଭିନ୍ନ ଜାତୀୟ ଉତ୍ସବ ଯଥା - ସ୍ୱାଧୀନତା ଉତ୍ସବ ଓ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଦେଶର ସର୍ବତ୍ର ବୋଲାଯାଏ। ଉକ୍ତ ସଂଗୀତରେ ଭାରତର ବିଭିନ୍ନ ଅଞ୍ଚଳ, ପର୍ବତ, ନଦୀ ଓ ସାଗର ମାନଙ୍କରେ କାହିଁକି ଉଲ୍ଲେଖ ରହିଛି ? ତୁମେମାନେ ସମସ୍ତେ ଏକମତ ହେବ ଯେ, ଜାତୀୟ ସଂଗୀତ ଗାଇଲାବେଳେ, ଆମେ ସମସ୍ତେ ଦେଶପ୍ରତି ସମ୍ମାନ, ଆନୁଗତ୍ୟ ଓ ସଦିଚ୍ଛା, ପ୍ରେମ ପ୍ରକାଶ କରିଥାଉ। ତୁମେମାନେ ସମୟେ ସମୟେ ବିଭିନ୍ନ ସଂବାଦପତ୍ର ଓ ଟେଲିଭିଜନରେ ନାନାପ୍ରକାର ତର୍କ ଓ ଆଲୋଚନାର ଯଥାକ୍ରମେ ଖବର ଓ ଦୃଶ୍ୟ ଦେଖିବାର ସୁଯୋଗ ପାଇଥିବ। ଉକ୍ତ ଆଲୋଚନା ମୂଖ୍ୟତଃ ଜାତୀୟ ଏକତା ଓ ନୈତିକତା ଉପରେ ଗୁରୁତ୍ୱ ଦେଇଥାନ୍ତି। ଏହା ଆମଦେଶର ସବୁଠାରୁ ପ୍ରୟୋଜନୀୟ ଗଣତାନ୍ତ୍ରିକ ପ୍ରକ୍ରିୟା। ସେହିଭଳି ଧର୍ମନିରପେକ୍ଷତାବାଦ ଆମ ଦେଶର ମୌଳିକ ଚରିତ୍ର ଓ ଚିନ୍ତାଧାରା ଅଟେ। ଜାତୀୟ ଏକତା ପାଇଁ ଏହା ଏକ ସଂଯୋଗକାରୀ ମାଧ୍ୟମ।

## ଉଦ୍ଦେଶ୍ୟ :

ଏ ଅଧ୍ୟାୟ ପଠନପରେ ତୁମେ ନିମ୍ନୋକ୍ତ ମୂଖ୍ୟ ପ୍ରସଙ୍ଗ ଉପରେ ଜ୍ଞାନ ଆହରଣ କରିପାରିବ।

- ଜାତୀୟ ସଂହତିର ଅର୍ଥ ଓ ଗୁରୁତ୍ୱ ବୁଝିପାରିବ।
- ବ୍ରିଟିଶ ମାନଙ୍କ ବିରୁଦ୍ଧରେ ଭାରତର ଜାତୀୟ ଆନ୍ଦୋଳନ କିପରି ଜାତୀୟ ସଂହତି ସୃଷ୍ଟିରେ ସହାୟକ ହେଲା।
- ଜାତୀୟ ସଂହତି ପ୍ରତିଷ୍ଠାପାଇଁ ବିଭିନ୍ନ ସାମ୍ବିଧାନିକ କୌଶଳ ବିଷୟରେ ବର୍ଣ୍ଣନା କରିବା।
- ଦେଶର ଏକତା ପାଇଁ ସୃଷ୍ଟି ହୋଇଥିବା ଆହ୍ୱାନ ଗୁଡିକୁ ଚିହ୍ନିତ କରିବା।
- ଧର୍ମନିରପେକ୍ଷତାବାଦର ଉପଯୁକ୍ତ ମୂଲ୍ୟାଙ୍କନ କରିବା।





- ଭାରତର ଜାତୀୟ ସଂହତି ଓ ଧର୍ମନିରପେକ୍ଷତାକୁ ବଜାଇ ରଖିବା ପାଇଁ ନାଗରିକ ମାନଙ୍କ ଭୂମିକା ବିଷୟରେ ଅବଗତ ହେବା।

## ୨୪.୧ ଜାତୀୟ ସଂହତି ଏହାର ଅର୍ଥ ଓ ଗୁରୁତ୍ୱ

**୨୪.୧.୧** ଜାତୀୟ ସଂହତି ଏକ ମନସ୍ତାତ୍ତ୍ୱିକ ବିଷୟ ଅଟେ। ଏହା ଦେଶର ଜନସାଧାରଣଙ୍କ ଆବେଗିକ ଓ ଭାବଗତ ଐକ୍ୟକୁ ବୁଝାଏ ସେମାନେ ସାମଗ୍ରିକ ରୂପେ ଏକକ ଚେତନାରେ ନିବିଡ଼ ଭାବରେ ଏକାକାର ହେବାକୁ ଜାତୀୟ ସଂହତି କୁହାଯାଏ। ଦେଶର ନାଗରୀକ ମାନଙ୍କ ମଧ୍ୟରେ ଜାତୀୟ ସଂହତି, ଏକ ସାଧାରଣ ପରିଚୟ ସମ୍ପର୍କରେ ସଚେତନତା ସୃଷ୍ଟିକରେ। ଏହା ରାଷ୍ଟ୍ର ନିର୍ମାଣର ମୂଖ୍ୟ ଆଧାର। ତେଣୁ ଦେଶର ଜନସାଧାରଣ ସେମାନଙ୍କର ବଂଶଗତ, ଜାତିଗତ, ଧର୍ମଗତ, ଭାଷାଗତ ପ୍ରଭୃତି ପରିଚୟକୁ ଗୌଣ ମନେକରି, ଏକ ସାଧାରଣ ଭାବନା ଦ୍ୱାରା ଉଦ୍‌ବୁଦ୍ଧ ହେଲେ, ଜାତୀୟ ସଂହତି ସୃଷ୍ଟିହୁଏ।

### ? ତୁମେ ଜାଣ କି

ଦୋରଦି ସିମ୍ପସନ୍‌ଙ୍କ ମତରେ, ଜାତୀୟ ସଂହତି ଏକ ଭାବଗତ ଚିନ୍ତାଧାରା, ଯାହା ପ୍ରତ୍ୟେକ ନାଗରୀକଙ୍କୁ ଦେଶପ୍ରତି ଆନୁଗତ୍ୟ ଓ ପ୍ରେମ ପ୍ରକାଶ କରିବାରେ ସହାୟକ ହୋଇଥାଏ।

ଆମେ ଜାଣୁ ଯେ, ଭାରତ, ବିଭିନ୍ନ ଧର୍ମ, ଭାଷା, ସଂସ୍କୃତି, ଓ ଜାତିର ଲୋକମାନେ ବସବାସ କରୁଥିବା ଜନସାଧାରଣଙ୍କ ଦେଶ। ସେମାନଙ୍କର ଆଚାର, ବ୍ୟବହାର, ଖାଦ୍ୟ ଓ ପୋଷାକ ଭିନ୍ନରକମର ଅଟେ ଏହା ସତ୍ତ୍ୱେ ସେମାନେ ସମସ୍ତେ ଭାରତୀୟ।

### ? ତୁମେ ଜାଣ କି

ପଣ୍ଡିତ ନେହେରୁ ଥରେ କହିଥିଲେ ଯେ, ଆମ୍ଭେ ଜାତୀୟ ଆନ୍ଦୋଳନ କାର୍ଯ୍ୟକ୍ରମରେ ସାମିଲ ହୋଇ ରାଜନୈତିକ ସଂହତି ହାସଲ କରି ସାରିଛେ। କିନ୍ତୁ ଅଧିକ ଚିନ୍ତାକଲେ ସମସ୍ତଙ୍କ ମଧ୍ୟରେ ଭାବଗତ ଐକ୍ୟ ପ୍ରତିଷ୍ଠା ହୋଇପାରିବ ଓ ଏ ସମସ୍ତ ଏକାଠି ହୋଇ ଜାତୀୟ ଏକତା ସୃଷ୍ଟି ହୋଇପାରିବ।

ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ବିଭେଦତା ସତ୍ତ୍ୱେ ଜାତୀୟ ସଂହତି ଦେଶପାଇଁ ଅମୂଲ୍ୟ ସଂପଦ। ଆମ ଦେଶ ଭାରତ ଏକ ବିରାଟ ଦେଶ ଓ ଜନସଂଖ୍ୟା ଦୃଷ୍ଟିରୁ ଆମେ ପୃଥିବୀର ଦ୍ୱିତୀୟ ସ୍ଥାନରେ ଅଛେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଏହି ଯେ, ଆମ ଦେଶରେ ପୃଥିବୀର ମୂଖ୍ୟ ଧର୍ମଗୁଡିକ ତିଷ୍ଠି ରହିଛନ୍ତି। ସେମାନଙ୍କ ମଧ୍ୟରୁ ହିନ୍ଦୁ, ଖ୍ରୀଷ୍ଟ, ଇସ୍‌ଲାମ ଧର୍ମ, ଜୈନ, ବୁଦ୍ଧ ଧର୍ମ ପ୍ରଭୃତି ପ୍ରଧାନ। ନିମ୍ନରେ ଧର୍ମର ଚିହ୍ନ ଗୁଡିକ ଦିଆଯାଇଛି, ଏହା କେଉଁ

ଧର୍ମର ପ୍ରତୀକ ତୁମେ ଚିହ୍ନାଇ ପାରିବ କି ? ଏକ ହଜାରରୁ ଊର୍ଦ୍ଧ୍ୱ ଭାଷା କହୁଥିବା ଲୋକମାନେ ଆମ ଦେଶରେ ବାସ କରନ୍ତି । ସେମାନଙ୍କର, ଅଭ୍ୟାସ, ସାମାଜିକ ପ୍ରଥାରେ ଅନେକ ପାର୍ଥକ୍ୟ ଦେଖାଯାଏ । ଏସବୁ ବିଭେଦତା ସତ୍ତ୍ୱେ ଭାରତ ଏକ ଓ ଆମେ ସମସ୍ତେ ପରସ୍ପର ପ୍ରତି ସମ୍ମାନ ଓ ସଦିଚ୍ଛା ଜଣାଇ ଦେଶର ସଂହତି ରକ୍ଷାକରି ଆସିଛେ ।



ଚିତ୍ର - ୨୪.୧

## ଅଭ୍ୟାସ ୨୪.୧

ଏହା କୁହାଯାଇପାରେ ଯେ, କ୍ରିକେଟ ଖେଳ ଆମ ଧାର୍ମିକ ଭାବନା ପରି ଆମ ସାଙ୍ଗରେ ଜଡିତ । ଏହି ଖେଳ ଚାଲିଥିବା ବେଳେ, ସମସ୍ତେ ଟେଲିଭିଜନ ପାଖରେ ଭିଡ ଜମାଇଥାନ୍ତି । ଆମ ଦେଶର କ୍ରିକେଟ ଖେଳାଳୀମାନେ ଦେଶର ବିଭିନ୍ନ  ଭାଷା ଓ ଧର୍ମ ଓ ସଂପ୍ରଦାୟର ବ୍ୟକ୍ତି । କିନ୍ତୁ ସମସ୍ତେ ଏକ ମନରେ ନିଜ ଦେଶର ବିଜୟ ପାଇଁ ଖେଳୁଛନ୍ତି । ସେହିଭଳି ଦେଶର ବିଭିନ୍ନ ଅଞ୍ଚଳର ଲୋକମାନେ କୌଣସି ବାଛବିଚାର ନକରି ସମସ୍ତ ଖେଳାଳୀଙ୍କର ଗୁରୁତ୍ୱ ପ୍ରତିପାଦନ କରନ୍ତି । ଏହା ବ୍ୟତୀତ ଜାତୀୟ ସଂହତିର ଅଧିକ ଯୁକ୍ତିଯୁକ୍ତ ଉଦାହରଣ ଦିଆଯାଇ ପାରିବକି ? ଏହି ଅଭିଜ୍ଞତାକୁ ଆଧାରକରି, ତୁମର ପଡୋଶୀ ୫ଜଣ ଯୁବକଙ୍କ ଠାରୁ ନିମ୍ନଲିଖିତ ପ୍ରଶ୍ନପାଇଁ ମତାମତ ସଂଗ୍ରହ କର ।

୧. ଉପରଲିଖିତ ଘଟଣାକ୍ରମରେ ଭାରତୀୟମାନେ କାହିଁକି ଏପରି ବ୍ୟବହାର ଦେଖାନ୍ତି ?

୨. କାହିଁକି ଲୋକମାନେ କ୍ରିକେଟ ଖେଳାଳୀ ମାନଙ୍କୁ ଏଭଳି ପୂଜାକରନ୍ତି, ଯଦିଓ ସେମାନେ ନିଜ ଧର୍ମ, ଜାତି ଓ ଭାଷା କହୁଥିବା ଲୋକ ନୁହନ୍ତି ?

୩. ଏଭଳି ଆଉ କେତେକ ଉଦାହରଣ ଦିଅ, ଯେଉଁଠାରେ ସମସ୍ତ ଲୋକମାନେ ନିଜକୁ ବିହାରୀ, ମରାଠି, ତେଲୁଗୁ ଓ ବ୍ରାହ୍ମଣ ନକହି ଭାରତୀୟ ବୋଲି କହିବେ ।

ଟିପ୍ପଣୀ

## ପାଠଗତ ପ୍ରଶ୍ନାବଳୀ ୨୪.୧

୧. ଶୂନ୍ୟସ୍ଥାନ ପୂରଣ କର ____________ ।

(କ) କୌଣସି ଜାତିକୁ ଗୋଟିଏ ଦେଶବୋଲି କୁହାଯାଏ, ଯେଉଁଠାରେ ____________ ।

(ଖ) ଜାତୀୟ ସଂହତି ନାଗରିକ ମାନଙ୍କ ମଧ୍ୟରେ ____________ ସଚେତନତା ସୃଷ୍ଟିକରେ ।

(ଗ) ଏହିଭଳି ଜାତୀୟ ସଂହତି ____________ ନିର୍ମାଣରେ ସହାୟକ ।

(ଘ) ଭାରତରେ ପୃଥିବୀର ସମସ୍ତ ମୂଖ୍ୟ ଧର୍ମ ଯଥା ____________ ତିଷ୍ଠି ରହିଛନ୍ତି ।

୨. ଜାତୀୟ ସଂହତିର ଆବଶ୍ୟକତା କ'ଣ ?

## ୨୪.୧.୨ ଜାତୀୟ ଆନ୍ଦୋଳନ ଓ ଜାତୀୟ ସଂହତି

ତୁମେ ଏଭଳି କିଛି ଘଟଣା ମନେ ପକାଅ, ଯାହା ତୁମେ ଜାଣିଥିଲ ବା ତୁମକୁ କୁହାଯାଇଥିଲା ଯେ, ଭାରତ ଏକ ପ୍ରାଚୀନ ଦେଶ । ସେହି ଦିନଠାରୁ ଏ ଦେଶ ଭୌଗଳିକ ସ୍ଥିତି ଏପରିଥିଲା କାରଣ ଏହି ଦେଶ ଅନେକ ଗୁଡିଏ ଦେଶୀୟ ରାଜ୍ୟର ସମଷ୍ଟିକୁ ନେଇ ଗଠିତ ହୋଇଥିଲା । ଅନେକ ଦେଶୀୟ ରାଜ୍ୟର ସାଂସ୍କୃତିକ ପରମ୍ପରା ପ୍ରାୟ ସମାନ ଥିଲା, କିନ୍ତୁ ବର୍ତ୍ତମାନପରି ଏହା ଏକକ ଦେଶ ନଥିଲା । ଜାତୀୟ ଆନ୍ଦୋଳନ ବେଳେ ଏଠାରେ ପ୍ରଥମଥର ପାଇଁ ଶାସନଗତ ଏକତା ଓ ଉଦ୍ଦେଶ୍ୟ ପ୍ରତିଷ୍ଠା ହୋଇଥିଲା । ଉକ୍ତ ଜାତୀୟ ଏକତା ସୃଷ୍ଟିରେ ବ୍ରିଟିଶମାନେ ମୂଖ୍ୟ ପ୍ରତିବନ୍ଧକ ଥିଲେ । ସେମାନେ ଜଣେ ଶାସକଙ୍କୁ ଅନ୍ୟଜଣଙ୍କ ବିରୁଦ୍ଧରେ ପ୍ରବର୍ତ୍ତାଉଥିଲେ । ହିନ୍ଦୁ ଓ ମୁସଲମାନ ମାନଙ୍କ ମଧ୍ୟରେ ବିଭେଦତା ସୃଷ୍ଟିକରି ଏହାର ରାଜନୈତିକ ଫାଇଦା ଉଠାଉଥିଲେ ।

ପ୍ରକୃତ ଜାତୀୟ ଐକ୍ୟଭାବ ଦେଶର ସ୍ୱାଧୀନତା ଆନ୍ଦୋଳନରୁ ହିଁ ଆରମ୍ଭ ହୋଇଥିଲା । ଏହା ଦେଶପାଇଁ ଅତ୍ୟନ୍ତ ଜରୁରୀବୋଲି ସମସ୍ତେ ଅନୁଭବ କରିଥିଲେ । ଦେଶର ସ୍ୱାଧୀନତା ଆନ୍ଦୋଳନରେ ବିଭିନ୍ନ ଧର୍ମ, ଭାଷା, ଜାତି, ସଂପ୍ରଦାୟ ଓ ଗୋଷ୍ଠୀର ଲୋକମାନେ ଯୋଗଦେଇ ବ୍ରିଟିଶ୍ ମାନଙ୍କୁ ଦେଶରୁ ତଡିବା ପାଇଁ ପଦକ୍ଷେପ ନେଇଥିଲେ । ଭାରତୀୟ ଜାତୀୟ କଂଗ୍ରେସର ଆହ୍ୱାନରେ ସମସ୍ତଙ୍କ ସମ୍ମିଳିତ ଚେଷ୍ଟାରେ ଇଂରେଜମାନଙ୍କୁ ବିତାଡିତ କରାଯିବାର ଚେଷ୍ଟା କରାଯାଇଥିଲା ।ଭାରତର ଜାତୀୟତା ସ୍ରୋତର ପ୍ରମୁଖ ବିରୋଧି ସାଜିଥିବା ଇଂରେଜମାନଙ୍କ ସମସ୍ତ କୌଶଳ, ଲକ୍ଷକୁ ନଷ୍ଟକରି ଦିଆଯାଇଥିଲା । ଦେଶର ନେତାମାନେ, ସମତା, ସ୍ୱାତନ୍ତ୍ର୍ୟ ଓ ଧର୍ମ ନିରପେକ୍ଷତାକୁ ଆଶ୍ରୟକରି ଜାତୀୟ ଭାବନା ସୃଷ୍ଟି କରିଥିଲେ । ପରିଶେଷରେ ଦେଶ ସ୍ୱାଧୀନ ହେଲା ଓ ଜାତୀୟ ସଂହତିର ପ୍ରକୃତ ଆବଶ୍ୟକତାକୁ ସମସ୍ତେ ସ୍ୱିକାର କଲେ ।

### ଅଭ୍ୟାସ ୨୪.୨

ବର୍ତ୍ତମାନ ତୁମେ ବୁଝିଲ ଯେ, ଦେଶର ସ୍ୱାଧୀନତା ପାଇଁ ଅନେକ ଦେଶପ୍ରେମୀ ଜୀବନ ଉତ୍ସର୍ଗ କରିଥିଲେ। ଏ ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଆମ ଦେଶର। ସେମାନଙ୍କର ଏକ ତାଲିକା ତିଆରି କର।

## ୨୪.୧.୩ ଜାତୀୟ ସଂହତି ଓ ଭାରତୀୟ ସମ୍ବିଧାନ

ସ୍ୱାଧୀନତା ପ୍ରାପ୍ତିପରେ ଭାରତ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲା। ଜାତୀୟ ଏକତା ରକ୍ଷାକରିବା ଏହା ସବୁଠାରୁ ବଡ ଆହ୍ୱାନ ଥିଲା। ବ୍ରିଟିଶ୍ ସରକାରଙ୍କ ସାମ୍ପ୍ରଦାୟିକ ବିଭାଜନ ନୀତି ପରିପ୍ରେକ୍ଷୀରେ ଦେଶ ଭାରତ ଓ ପାକିସ୍ଥାନ ନାମରେ ସୃଷ୍ଟି ହେଲା। ଭାରତର ବିଭାଜନ ଜନିତ ସାମ୍ପ୍ରଦାୟିକ ଦଙ୍ଗାଦ୍ୱାରା ଅନେକ କ୍ଷତି ହେଲା। ଏ ଦେଶର ଅନେକ ମୂଳ ଅଧିବାସୀ ବିତାଡିତ ହେଲେ। ତୁମେ ଅନେକ ଦଙ୍ଗାର ଲୋମହର୍ଷଣକାରୀ ଦୃଶ୍ୟ ଚଳଚ୍ଚିତ୍ର ଓ ଟେଲିଭିଜନରେ ଦେଖିଥିବ। ଭାରତର ସ୍ୱାଧୀନତା ସଂଗ୍ରାମୀମାନେ ଦେଶୀୟ ରାଜ୍ୟମାନଙ୍କର ମିଶ୍ରଣ ଜନିତ ସମସ୍ୟାରେ ବ୍ୟସ୍ତହୋଇ ପଡିଥିଲେ। ଦେଶର ଅଖଣ୍ଡତା ଓ ଏକତା ପ୍ରତି ବିପଦ ସୃଷ୍ଟି ହୋଇଥିଲା।

### ତୁମେ ଜାଣ କି

ସ୍ୱାଧୀନତା ପ୍ରାପ୍ତିର ଅବ୍ୟବହିତ ପୂର୍ବରୁ, ଭାରତ ଦୁଇ ପ୍ରକାର ଶାସନ ବ୍ୟବସ୍ଥାରେ ଥିଲା। କେତେକ ରାଜ୍ୟର ପ୍ରଶାସନିକ କ୍ଷମତା ସିଧାସଳଖ ବ୍ରିଟିଶ୍‌ମାନଙ୍କ ନିୟନ୍ତ୍ରଣରେ ଥିଲା ଓ ୫୬୨ ଟି ଦେଶୀୟ ରାଜ୍ୟମାନଙ୍କର ଶାସକଙ୍କୁ ସେମାନେ ରାଜାମାନଙ୍କ ଦ୍ୱାରା ନିୟନ୍ତ୍ରଣ କରୁଥିଲେ। ସ୍ୱାଧୀନତା ପରେ ଦେଶୀୟ ରାଜ୍ୟମାନଙ୍କୁ , କେଉଁ ଦେଶରେ ରହିବେ ବୋଲି (ଭାରତ, ପାକିସ୍ଥାନ) ପସନ୍ଦ ମଗାଯାଉଥିଲା। ଅଳ୍ପକିଛି ରାଜ୍ୟକୁ ଛାଡି ସମସ୍ତ ଦେଶୀୟ ରାଜ୍ୟ ଭାରତରେ ମିଶି ଯାଇଥିଲେ। କିନ୍ତୁ ଜାମ୍ମୁ ଓ କାଶ୍ମିର, ହାଇଦ୍ରାବାଦ ପ୍ରଭୃତି ରାଜ୍ୟ ସ୍ୱାଧୀନଭାବେ ରହିବାପାଇଁ ଚାହିଁଥିଲେ। ତ୍ରିପୁରା ଓ ମଣିପୁର ପ୍ରଭୃତି ରାଜ୍ୟମାନେ ଭାରତରେ ମିଶିବାରେ କିଛି ସମସ୍ୟା ଥିଲା।

ଉପରଲିଖିତ ପରସ୍ଥିତିରେ, ଭାରତର ସମ୍ବିଧାନ ଜାତୀୟ ସଂହତି ରକ୍ଷା କରିବାରେ ଅଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଉକ୍ତ ସମ୍ବିଧାନ ପ୍ରସ୍ତାବନାରେ ମଧ୍ୟ ଏକତା ଓ ନୈତିକତାକୁ ଆଧାର କରାଯାଇଛି। ଉକ୍ତ ସମ୍ବିଧାନର ଧାରା ୪୪ ଅଧୀନରେ ଭାରତର ସମସ୍ତ ନାଗରିକଙ୍କ ନିମନ୍ତେ ସମାନ ନାଗରିକ ସଂହତି (Uniform Civil Code) ପ୍ରଣୟନ ପାଇଁ ଦେଶକୁ ନିର୍ଦ୍ଦେଶ ଦିଆଯାଇଛି। ଦେଶର ସଂହତି, ଏକତା ଓ ସାର୍ବଭୌମତ୍ୱ ରକ୍ଷାକରିବା ନାଗରିକ ମାନଙ୍କର ମୌଳିକ କର୍ତ୍ତବ୍ୟ ବୋଲି ଦର୍ଶାଯାଇଛି। ଭାରତ ଏକ ସଂଘୀୟ ରାଷ୍ଟ୍ର ହେବାର ଆବଶ୍ୟକତା କାହିଁକି ଥିଲା ? ତୁମେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ସମ୍ବନ୍ଧିତ ପାଠ୍ୟ ପଢ଼ିବାବେଳେ ଜାଣିପାରିବ।

## ? ତୁମେ ଜାଣ କି

ଭାରତୀୟ ସମ୍ବିଧାନରେ ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ଅନେକ ବ୍ୟବସ୍ଥା କରାଯାଇଛି, ଯାହା ଜାତୀୟ ସଂହତି ପାଇଁ ସହାୟକ ହେବ। ନିମ୍ନରେ କେତେକ ମୁଖ୍ୟ କର୍ତ୍ତବ୍ୟର ଉଲ୍ଲେଖ କରାଯାଇଛି।

- ସମ୍ବିଧାନ ମାନି ଚଳିବା, ତାହାର ଆଦର୍ଶ ଓ ଅନୁଷ୍ଠାନଗୁଡ଼ିକୁ, ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ଦେବା।
- ଆମର ଜାତୀୟ ସଂଗ୍ରାମକୁ ଉତ୍ସାହିତ କରିଥିବା ମହତ ଆଦର୍ଶଗୁଡ଼ିକର ଅନୁସରଣ କରିବା।
- ଦେଶର ନିରପତ୍ତାକୁ ଗୁରୁତ୍ୱଦେବା ଓ ଆହ୍ୱାନ ଆସିଲେ ଜାତୀୟ ସେବା ପ୍ରଦାନ କରିବା।
- ଧର୍ମଗତ, ଭାଷାଗତ, ଆଞ୍ଚଳିକ ଓ ଗୋଷ୍ଠିଗତ ବିଭେଦତା ସତ୍ତ୍ୱେ, ଭାରତର ସ ମସ୍ତ ଜନସାଧାରଣଙ୍କ ମଧ୍ୟରେ ବୁଝାମଣା ଓ ଭାତୃତ୍ୱଭାବ ରକ୍ଷା କରିବା।
- ମହିଳାମାନଙ୍କର ସମ୍ମାନକୁ ନଷ୍ଟ କରୁଥିବା ସମସ୍ତ ଆଇନ ଓ ପରମ୍ପରାକୁ ଦୂରେଇ ଦେବା।
- ଆମର ମିଶ୍ର ସଂସ୍କୃତିର ସମୃଦ୍ଧ ପରମ୍ପରାକୁ ଗରୁତ୍ୱ ଦେବା।
- ସରକାରୀ ସମ୍ପତ୍ତିକୁ ସୁରକ୍ଷାଦେବା, ହିଂସା ପରିହାର କରିବା।
- ବ୍ୟକ୍ତିଗତ ଓ ସାମୁହିକ କାର୍ଯ୍ୟକଳାପର ସମସ୍ତ କ୍ଷେତ୍ରରେ ଉତ୍କର୍ଷ ସାଧନ ନିମନ୍ତେ ଉଦ୍ୟମ କରିବା, ଯେପରି ଦେଶ ସଫଳତାର ଉର୍ଦ୍ଧ୍ୱତର ସେପାନକୁ ଉଠିପାରିବ।

## ପାଠଗତ ପ୍ରଶ୍ନାବଳୀ ୨୪.୨

୧. ଶୂନ୍ୟସ୍ଥାନ ପୂରଣ କର ____________।

(କ) ଇଂରେଜଶାସନ ସମୟରେ ଭାରତ ଭୌଗଳିକ ଦୃଷ୍ଟିକୋଣରୁ ସଂଘବଦ୍ଧ ଥିଲା କିନ୍ତୁ ____________ପ୍ରତିଷ୍ଠିତ ହୋଇ ପାରିନଥିଲା।

(ଖ) ସ୍ୱାଧୀନତା ଆନ୍ଦୋଳନ ସମୟରେ ____________ ସୃଷ୍ଟି ହେଲା।

(ଗ) ସ୍ୱାଧୀନତା ଅନ୍ଦୋଳନ ସମୟରେ ବିଭିନ୍ନ ____________ ଲୋକମାନେ ଏକତ୍ର ହୋଇ ଇଂରେଜମାନଙ୍କ ବିରୁଦ୍ଧରେ ଲଢୁଥିଲେ।

(ଘ) ଭାରତୀୟ ଜାତୀୟ କଂଗ୍ରେସ ____________ ମସିହାରେ ପ୍ରତିଷ୍ଠା ହୋଇଥିଲା।

୨. ତୁମେ ଭାବୁଛ କି, ଭାରତୀୟ ସମ୍ବିଧାନ, ଜାତୀୟ ସଂହତି ରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଉଥିଲା, କିପରି ?

## ୨୪.୧.୪ ଜାତୀୟ ସଂହତି ପାଇଁ ଆହ୍ୱାନ

ଭାରତରେ ଜାତୀୟ ସଂହତି ପାଇଁ ଅନେକ ପ୍ରତିବନ୍ଧକ ବା ଆହ୍ୱାନ ରହିଛି। ଏ ସବୁର ସମାଧାନ ପାଇଁ ଅନେକ ଚେଷ୍ଟା କରାଯାଇଛି। ନିମ୍ନରେ କେତେକ ମୁଖ୍ୟ ଆହ୍ୱାନର ବର୍ଣ୍ଣନା ହୋଇଛି।

### (କ) ସାମ୍ପ୍ରଦାୟିକତା ବାଦ

ସାମ୍ପ୍ରଦାୟିକତା ବାଦ ଭାରତର ଜାତୀୟ ସଂହତି ପାଇଁ ଗୋଟିଏ ମୁଖ୍ୟ ଆହ୍ୱାନ। ଏହା କହିଲେ ମୁଖ୍ୟତଃ ଧାର୍ମିକ ସାମ୍ପ୍ରଦାୟିକତାବାଦକୁ ହିଁ ବୁଝାଏ। ଅନ୍ୟ ଧର୍ମ ପ୍ରତି ବିଦ୍ୱେଷ, ବିରୋଧାଭାସ, ହିଂସା କିମ୍ବା ଶତୃତା ପ୍ରକଟ କରିବା ହିଁ ସାମ୍ପ୍ରଦାୟିକତା ଏହା ଦ୍ୱାରା ମଧ୍ୟ ଜାତୀୟ ଏକତା ନଷ୍ଟ ହୁଏ। ଭାରତରେ ପୃଥିବୀର ମୁଖ୍ୟ ଧର୍ମ ଗୁଡିକ ଗ୍ରହଣ କରିଥିବା ଲୋକମାନେ ବାସ କରନ୍ତି। କିନ୍ତୁ ସ୍ୱାଧୀନତା ପ୍ରାପ୍ତି ପରଠାରୁ ଭାରତ ଅନେକ ସାମ୍ପ୍ରଦାୟିକ ଦଙ୍ଗାର ଶିକାର ହୋଇଛି। ଗୁଜବ ଓ ସାମୟିକ ଉତ୍ତେଜନା ଦ୍ୱାରା ପ୍ରଭାବିତ ହୋଇ ଲୋକମାନେ ଗୃହଦାହ, ନରସଂହାର ପରି ବିନାଶକାରୀ କାର୍ଯ୍ୟ କରୁଛନ୍ତି।

### ଅଭ୍ୟାସ ୨୪.୩

ସ୍ୱାଧୀନତା ପରେ ଭାରତରେ ଘଟିଥିବା ତିନୋଟି ସାମ୍ପ୍ରଦାୟିକ ଦଙ୍ଗାର ଦୃଶ୍ୟ ବର୍ଣ୍ଣନା କର। ତୁମେ କେବେ ଭାରତରେ ସାମ୍ପ୍ରଦାୟିକ ଦଙ୍ଗାର ଦୃଶ୍ୟଥିବା ଚଳଚ୍ଚିତ୍ର ଦେଖିଛ, ନା ତା ବିଷୟରେ ଶୁଣିଛ ? ଯଦି ନୁହେଁ, ତାହାହେଲେ ତୁମର କେହି ବଂଧୁ ବା ସଂପର୍କୀୟ ଏପରି ଦୃଶ୍ୟ ଦେଖିଥିବେ, ତୁମେ ତାଙ୍କଠାରୁ ଖବର ସଂଗ୍ରହ କରି ଏକ ସଂକ୍ଷିପ୍ତ ଲେଖା ଲେଖ। ତୁମର ମତାମତ ସହ ପ୍ରସ୍ତୁତ କର।

### (ଖ) ଆଞ୍ଚଳିକ ବାଦ

କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳ, ପ୍ରଦେଶ କିମ୍ବା ତାହାର ଅନ୍ତର୍ବର୍ତ୍ତୀ ଅପେକ୍ଷାକୃତ କ୍ଷୁଦ୍ର ଅଞ୍ଚଳକୁ ଅତ୍ୟଧିକ ଭଲ ପାଇବା ହେଉଛି ଆଞ୍ଚଳିକବାଦ। ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବେ ଏହା ଜାତୀୟତାବାଦର ସୃଷ୍ଟି ଓ ବିକାଶରେ ଅନ୍ତରାୟ ସୃଷ୍ଟିକରେ। କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳର ଦାବୀ ପୂରଣ ପାଇଁ ନିଷ୍ପତ୍ତି ନେବା କିଛି ଅଯୋକ୍ତିକ କାର୍ଯ୍ୟ ନୁହେଁ। ବେଳେବେଳେ ସେହି ଅଞ୍ଚଳର ବିକାଶ ଧାରା ଅନ୍ୟାନ୍ୟ ଅଞ୍ଚଳ ସହ ସମକକ୍ଷ ହୋଇନଥାଏ। ତେଣୁ ଏଭଳି ଦାବୀ ଉଠାଇ କାର୍ଯ୍ୟହାସଲ କରିବା ଅସମିଚୀନ ନୁହେଁ। ବିଭିନ୍ନ କାରଣମାନଙ୍କ ମଧ୍ୟରୁ ଅର୍ଥନୈତିକ ବିକାଶରେ ଆଞ୍ଚଳିକ ବୈଷମ୍ୟ, କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ, ମୂଳ ଜାତିଗତ ଓ ସାଂସ୍କୃତିକ ଅସାଦୃଶ୍ୟ, ଭାଷା ଆନ୍ଦୋଳନ, ପ୍ରାଦେଶିକ ସ୍ୱାତନ୍ତ୍ୟ, ସ୍ୱତନ୍ତ୍ର ରାଜ୍ୟ ଗଠନ ଦାବୀ ପ୍ରତିବାଦ ଆନ୍ଦୋଳନ ସୀମା ଓ ନଦୀଜଳ ବିବାଦ, ପ୍ରଭୃତି ମୁଖ୍ୟ ଅଟେ। ଯେଉଁ ଆଞ୍ଚଳିକତା ଭାବ ଯୋଗୁଁ ଅନ୍ୟ ଅଞ୍ଚଳର ସ୍ୱାର୍ଥ, ଜାତୀୟ ଭାବନା ଓ ସଂହତି କ୍ଷତିଗ୍ରସ୍ତ ହୁଏ ତାହାକୁ ଉଗ୍ର ଆଞ୍ଚଳିକତା କୁହାଯାଏ।

ଆମେ ଆସାମ ଓ ଜମ୍ମୁ ଓ କାଶ୍ମୀର ରାଜ୍ୟର କେତେକ ଅଞ୍ଚଳରେ ଏଭଳି ବିଛିନ୍ନତାବାଦୀ ସ୍ୱଭାବ ଦେଖି ଅଛୁ।




ଚିତ୍ର - ୨୪.୨ (ଦାର୍ଜିଲିଂ ଆନ୍ଦୋଳନ)

### ଅଭ୍ୟାସ ୨୪.୪

ମୂଳ ରାଜ୍ୟର ବିଭାଗିକରଣ କରି ନୂତନରାଜ୍ୟ ସୃଷ୍ଟିପାଇଁ ଆଞ୍ଚଳିକ ଆନ୍ଦୋଳନ ମାନ ସୃଷ୍ଟି ହୋଇଥାଏ। ରାଜ୍ୟ ପୁନଃଗଠନ ଆଇନ, ୧୯୫୬ ଅନୁସାରେ ରାଜ୍ୟପୁନଃର୍ଗଠନ ପ୍ରକ୍ରିୟା ହୋଇଥାଏ। ଏହି ପ୍ରକ୍ରିୟାରେ ଛତିଶଗଡ, ଝାଡଖଣ୍ଡ ଓ ଉତ୍ତରାଖଣ୍ଡ ପ୍ରଭୃତି ନୂତନ ରାଜ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଆନ୍ଧ୍ରପ୍ରଦେଶ ଭାଙ୍ଗି ନୂତନ ରାଜ୍ୟ ସୃଷ୍ଟିପାଇଁ ଆନ୍ଦୋଳନ ଚାଲିଛି। ଉକ୍ତ ସୂଚନାକୁ ଆଧାରକରି ନିମ୍ନସ୍ଥ ପ୍ରଶ୍ନର ଉତ୍ତର ଲେଖ।

- କେଉଁ ତିନୋଟି ରାଜ୍ୟକୁ ଭାଙ୍ଗି, ନୂତନ ରାଜ୍ୟଭାବେ ଛତିଶଗଡ, ଝାଡଖଣ୍ଡ ଓ ଉତ୍ତରାଖଣ୍ଡ ସୃଷ୍ଟି ହେଲା।
- କେଉଁ ରାଜ୍ୟ ସୃଷ୍ଟିପାଇଁ ଆନ୍ଧ୍ରପ୍ରଦେଶରେ ଆନ୍ଦୋଳନ ଚାଲିଛି ?

## (ଗ) ଭାଷାଗତ ବିବାଦ

ଭାରତ ଏକ ବହୁଭାଷାଭାଷି ଲୋକମାନଙ୍କର ଦେଶ। ଭାରତର ଲୋକମାନେ ପ୍ରାୟ ୨୦୦୦ରୁ ଉର୍ଦ୍ଧ୍ୱଭାଷା ବ୍ୟବହାର କରନ୍ତି। ଉକ୍ତ ବହୁଭାଷି ତତ୍ତ୍ୱ ବେଳେବେଳେ ବିପରିତ ପ୍ରତିକ୍ରିୟା ସୃଷ୍ଟିକରେ। ପ୍ରତ୍ୟେକ ଦେଶ, ସରକାରୀ କାର୍ଯ୍ୟପାଇଁ ଏକ ସାଧାରଣ ଭାଷା ଆବଶ୍ୟକ କରିଥାଏ। ସମ୍ବିଧାନ ପ୍ରଣେତାମାନେ ହିନ୍ଦିଭାଷାକୁ ସରକାରୀ ଭାଷାରୂପେ ବ୍ୟବହାର ପାଇଁ ପ୍ରସ୍ତାବ ରଖିବାରୁ ଅଣହିନ୍ଦି ଭାଷାଭାଷି ରାଜ୍ୟମାନେ ଏହାକୁ ତୀବ୍ର ବିରୋଧ କଲେ। ଉକ୍ତ ଭାଷାଗତ ବିବାଦର ସମାଧାନ ପାଇଁ ବିକଳ୍ପ ବ୍ୟବସ୍ଥା ହେଲା। କେନ୍ଦ୍ର ସରକାର ୧୫ବର୍ଷ

ପାଇଁ ଇଂରାଜୀ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେଲେ, ଯଦିଓ ହିନ୍ଦି ଭାଷାକୁ ସରକାରୀ ଭାଷାଭାବେ ଘୋଷଣା କରାଯାଇଥିଲା।

ସରକାରୀ ଭାଷା ଆୟୋଗ ୧୯୫୫ ମସିହାରେ ପ୍ରତିଷ୍ଠା ହୋଇ ଇଂରାଜୀ ପରିବର୍ତ୍ତେ ହିନ୍ଦିକୁ ସରକାରୀ ଭାଷା କରିବା ପାଇଁ ପରାମର୍ଶ ଦେଇଥିଲେ। ତେଣୁ ଅଣହିନ୍ଦି ଭାଷାଭାଷି ଲୋକମାନେ ଏହାର ତୀବ୍ର ପ୍ରତିବାଦ କରିଥିଲେ। ୧୯୬୩ ମସିହାରେ ସରକାରୀ ଭାଷା ବିଲ୍ ଉପସ୍ଥାପିତ ସମୟରେ, ପ୍ରବଳ ବିକ୍ଷୋଭ ଓ ଆନ୍ଦୋଳନ ହେ ।ଇଥିଲା ଓ ଇଂରାଜୀଭାଷାକୁ କୌଣସି ସମୟ ସୀମା ନରଖି ସରକାରୀ ଭାଷା ଭାବେ ବ୍ୟବହାର କରିବାପାଇଁ ନିଷ୍ପତ୍ତି ନିଆଗଲା।

**? ତୁମେ ଜାଣ କି**

ଭାଷା ବିବାଦ ଚାଲିଥିବା ସମୟରେ, ବିଭିନ୍ନ ଭାଷା କହୁଥିବା ଲୋକମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଓ ସର୍ବୋପରି ଜାତୀୟ ଏକତା ରକ୍ଷା କରିବାପାଇଁ ତ୍ରିଭାଷି ସୂତ୍ର ପ୍ରଚଳନ ହେଲା। ଏହି ସୂତ୍ର ଅନୁଯାୟୀ ଅଣହିନ୍ଦି ରାଜ୍ୟମାନଙ୍କରେ ଇଂରାଜୀ, ହିନ୍ଦି ଓ ରାଜ୍ୟର ପ୍ରମୁଖ ଆଞ୍ଚଳିକ ଭାଷାରେ ଶିକ୍ଷାଦାନ କରାଯିବ ଏବଂ ହିନ୍ଦିଭାଷୀ ରାଜ୍ୟମାନଙ୍କରେ ହିନ୍ଦି, ଇଂରାଜୀ ବ୍ୟତୀତ ଅନ୍ୟ ଗୋଟିଏ ଆଞ୍ଚଳିକ ଭାଷାରେ ଶିକ୍ଷାଦାନ କରାଯିବ। ଆଞ୍ଚଳିକ ଓ ସଂସ୍କୃତିର ମିଶ୍ରଣ ଦ୍ୱାରା ଦେଶରେ ରାଜନୈତିକ ଏକତା ଓ ସ୍ଥିରତା ବୃଦ୍ଧି ଏହାର ଲକ୍ଷ।

## (ଘ) ଉଗ୍ରପନ୍ଥୀ ଭାବ

ଦେଶର ସଂହିତି ପାଇଁ ଉଗ୍ରବାଦୀ ଆନ୍ଦୋଳନ ଏକ ବିରାଟ ଆହ୍ୱାନ ରୂପେ ଠିଆ ହୋଇଛି। ନକ୍ସଲ ଓ ମାଓବାଦୀ ଆନ୍ଦୋଳନ ଏହାର ଉଦାହରଣ ଅଟେ। ଉକ୍ତ ଆନ୍ଦୋଳନକାରୀମାନେ ଧନ ଜୀବନ ନଷ୍ଟ କରୁଛନ୍ତି। ସବୁବେଳେ ହିଂସାର ପଥ ଗ୍ରହଣକରି ଲୋକଙ୍କୁ ଭୟଭୀତ କରିବା ସେମାନଙ୍କର ଲକ୍ଷ। ଅର୍ଥନୈତିକ ବୈଷମ୍ୟ ସାମାଜିକ ନ୍ୟାୟ ଓ ମାନବିକ ଅଧିକାରରୁ ବଞ୍ଚିତ ଅଧିକାଂଶ ଯୁବଗୋଷ୍ଠୀ ଏହିସବୁ ଆନ୍ଦୋଳନରେ ଅଂଶଗ୍ରହଣ କରୁଛନ୍ତି।



ଚିତ୍ର ୨୪.୩ (ନକ୍ସଲ ଦୃଶ୍ୟ)

## ୨୪.୧.୫ ଜାତୀୟ ସଂହତି ବୃଦ୍ଧିପାଇଁ ଆବଶ୍ୟକୀୟ ଉପାଦାନ

ଜାତୀୟ ସଂହତି ପାଇଁ ଉପରଲିଖିତ ଆହ୍ୱାନଗୁଡ଼ିକ ଥିବା ସତ୍ତ୍ୱେ, ଅନ୍ୟ କେତେକ ଉପାଦାନ ସଂହତିର ଭିତ୍ତିଭୂମି ବିକାଶ ପାଇଁ ସହଯୋଗ କରୁଛନ୍ତି।

### (କ) ସାମ୍ବିଧାନିକ ବ୍ୟବସ୍ଥା

ଭାରତରେ ଜାତୀୟ ସଂହତି ହାସଲ ନିମନ୍ତେ ଦେଶର ସମ୍ବିଧାନରେ କେତେକ ବିହିତ ବ୍ୟବସ୍ଥା ରହିଛି। ଉକ୍ତ ବ୍ୟବସ୍ଥା ମାନଙ୍କ ମଧ୍ୟରେ, ସମାଜବାଦ, ସାମାଜିକ ନ୍ୟାୟ, ଧର୍ମନିରପେକ୍ଷତାବାଦ, ଅସ୍ପୃଶ୍ୟତାର ବିଲୋପ, ଧର୍ମ ସ୍ୱାଧୀନତା, ସମାନ ନାଗରୀକ ସଂହତି ଓ କର୍ତ୍ତବ୍ୟ, ମୌଳିକ ସମାନତା ପ୍ରଭୃତି ମୁଖ୍ୟ ଅଟେ। ସମ୍ବିଧାନ, ରାଷ୍ଟ୍ର ନିର୍ଦ୍ଦେଶକ ନୀତି ମାଧ୍ୟମରେ ଭାରତରେ ଅର୍ଥନୈତିକ ଗଣତନ୍ତ୍ର ଓ ଜନମଙ୍ଗଳ ରାଷ୍ଟ୍ର ପ୍ରତିଷ୍ଠା କରିବାର ପ୍ରତିଶୃତି ବହନ କରିଛନ୍ତି।

### (ଖ) ସରକାରୀ ପଦକ୍ଷେପ

ଜାତୀୟ ସଂହତି ପାଇଁ ସରକାର ଅନେକ ଫଳପ୍ରଦ ପଦକ୍ଷେପ ଗ୍ରହଣ କରିଛନ୍ତି। ଜାତୀୟ ସଂହତି ପରିଷଦ ଗଠନକରି ଜାତୀୟ ଏକତା ବୃଦ୍ଧିପାଇଁ, ଅନେକ ଉପାଦେୟ ପରାମର୍ଶ, କାର୍ଯ୍ୟାନୁଷ୍ଠାନ ପାଇଁ ଦେଉଛନ୍ତି। ଦେଶର ଅର୍ଥନୈତିକ ପ୍ରଗତିପାଇଁ ଏକ ଜଣିକିଆ ଆୟୋଗ ଗଠନ କରାଯାଇ ସୁବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ ନିର୍ବାଚନ ଆୟୋଗ ଦେଶର ନିର୍ବାଚନ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରନ୍ତି।

### (ଗ) ଜାତୀୟ ଉତ୍ସବ ଓ ସଂକେତ

ସ୍ୱାଧୀନତା ଦିବସ, ଗଣତନ୍ତ୍ର ଦିବସ ଓ ଗାନ୍ଧି ଜୟନ୍ତି ଭଳି ଜାତୀୟ ଉତ୍ସବକୁ ଦେଶର ସମସ୍ତ ଜନସାଧାରଣ ପାଳନ କରନ୍ତି। ଉକ୍ତ ଉତ୍ସବ ପାଳନରେ ଜାତି, ଧର୍ମ, ସଂସ୍କୃତିର ବିଭେଦତା ବିଚାର କରାଯାଏ ନାହିଁ। ପ୍ରତିବର୍ଷ ନଭେମ୍ବର ମାସ ୧୯ ତାରିଖକୁ ଆମେ ସଂହତି ଦିବସରୂପେ ପାଳନ କରୁ। କରିବାକୁ ଗଲେ, ଆମର ଜାତୀୟ ପତାକା, ଜାତୀୟ ସଂଗୀତ ଓ ଜାତୀୟ ଚିହ୍ନ ଆମର ଜାତୀୟ ଏକତା ଭାବନାକୁ ଦୃଢ଼ିଭୂତ କରୁଛି। ଏଥିପାଇଁ ଆମ୍ଭେମାନେ ଉକ୍ତ ସଂକେତ ମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରୁଛେ। ଆମର ସମସ୍ତ ବିଭେଦତା ସତ୍ତ୍ୱେ ଏକତା ପ୍ରତିଷ୍ଠିତ ହୋଇ ପାରିଛି।

**? ତୁମେ ଜାଣ କି**

ଜାତୀୟ ସଂହତି ପ୍ରତିଷ୍ଠା ପାଇଁ ଶପଥ ପାଠ, "ମୁଁ ସତ୍ୟନିଷ୍ଠ ସଂକଳ୍ପ କରୁଅଛି ଯେ, ଦେଶର ସାର୍ବଭୌମତ୍ୱ ଓ ସ୍ୱାଧୀନତାକୁ ମଜଭୁତ କରିବା ପାଇଁ ଉତ୍ସର୍ଗିକୃତ ମନବୃତ୍ତିରେ କାର୍ଯ୍ୟ କରିବି। ଧର୍ମ, ଭାଷା ଓ ସାମାଜିକ ନ୍ୟାୟ ପାଇବାରେ ସମସ୍ତ ବିଭେଦତା ଥିବା ସତ୍ତ୍ୱେ ମୁଁ କୌଣସି ପରିସ୍ଥିତିରେ ହିଂସାର ଆଶ୍ରୟ ନ ନେଇ, ସମ୍ବିଧାନିକ ନିଷ୍ପତ୍ତିକୁ ସମ୍ମାନ ଦେବି।"

## (ଘ) ସର୍ବଭାରତୀୟ ସେବା ଓ ଅନ୍ୟାନ୍ୟ ଉପାଦାନ

କହିବାକୁ ଗଲେ ସର୍ବଭାରତୀୟ ସେବା ଯଥା: - ଭାରତୀୟ ପ୍ରଶାସନିକ, ବୈଦେଶିକ, ପୋଲିସ୍, ଡାକ ଓ ତାର, ଦୂରଦର୍ଶନ, ରେଡିଓ, ଇଣ୍ଟରନେଟ୍ ପ୍ରଭୃତି ସେବା ଜାତୀୟ ସଂହତି ରକ୍ଷା କରିବାରେ ସହାୟକ ହୋଇଥାଏ । ସର୍ବଭାରତୀୟ ସେବାପାଇଁ ଦେଶ ସ୍ତରରେ ନିଯୁକ୍ତି ଦିଆଯାଏ ଏବଂ ପ୍ରାର୍ଥୀମାନେ ରାଜ୍ୟସ୍ତରରେ କାର୍ଯ୍ୟ କରନ୍ତି । ରାଜ୍ୟସ୍ତରୀୟ ସେବାର ଅଭିଜ୍ଞତା ପ୍ରଶାସନିକ ନିଷ୍ପତ୍ତି ନେବାରେ ସାହାଯ୍ୟ କରେ । ବିଶେଷଭାବେ ଜାତୀୟ ଘଟଣା ଉପରେ ଦୂରଦର୍ଶନ ଓ ଡାକ ବିଭାଗର କାର୍ଯ୍ୟକ୍ରମ ଦେଶର ସମସ୍ତ ଲୋକଙ୍କ ଉପରେ କିଛି ପ୍ରଭାବ ବିସ୍ତାର କରିଥାଏ ।

## ଅଭ୍ୟାସ ୨୪.୫

କଳ୍ପନା ଚାଓ୍ୱଲା ଅନ୍ୟ ମହାକାଶଚାରୀଙ୍କ ସହ ମହାକାଶ ଯାତ୍ରା କରିବା, ଭାରତୀୟ କ୍ରିକେଟ ଦଳ ନମ୍ବର ଓ୍ୱାନ ହେବା ପ୍ରଭୃତି ଘଟଣା ସମଗ୍ର ଦେଶର ନାଗରିକଙ୍କର ପ୍ରିୟ ଘଟଣା । ଅନେକ ଖେଳ ବିଭାଗର ଜାତୀୟ ହିରୋ ଅଛନ୍ତି । ଯେଉଁମାନଙ୍କୁ ଜାତୀୟ ସ୍ତରରେ ସମ୍ମାନୀତ କରାଯାଉଛି । ତୁମେ ଅତିକମ୍‌ରେ ୫ଜଣ ବନ୍ଧୁ, ପରିବାରର ସଦସ୍ୟ କିମ୍ବା ଶିକ୍ଷକଙ୍କ ମତାମତ ନିମ୍ନସ୍ଥ ପ୍ରଶ୍ନ ଉପରେ ସଂଗ୍ରହ କର ।

୧. କେଉଁ ଭାରତୀୟ ବ୍ୟକ୍ତିବିଶେଷଙ୍କୁ ସମଗ୍ରଦେଶରେ ସବୁଠାରୁ ବେଶି ସମ୍ମାନ ଦିଆଯାଏ ।
୨. କେଉଁ ଖେଳାଳୀଙ୍କୁ ଦେଶର ଯୁବଗୋଷ୍ଠୀ ସେମାନଙ୍କର ଆଦର୍ଶ ବୋଲି ଭାବନ୍ତି ?
୩. କେଉଁ ଜାତୀୟ ଘଟଣାକୁ ଦେଶର ସମସ୍ତ ଜନସାଧାରଣ ଦୂରଦର୍ଶନ ବା ରେଡିଓରେ ଦେଖନ୍ତି ବା ଶୁଣନ୍ତି ?
୪. ଦୁଇଟି ଖାଦ୍ୟବସ୍ତୁର ନାମ ଲେଖ ଯାହା ସର୍ବଭାରତୀୟ ସ୍ତରରେ ଆଦୃତ ହୁଏ ।

*ଉପରୋକ୍ତ ପ୍ରଶ୍ନର ସଂଗୃହିତ ଉତ୍ତର ଅନୁସାରେ, ଭାରତର ଲୋକଙ୍କ ମଧ୍ୟରେ କିପରି ଜାତୀୟ ଏକତା ପ୍ରତିଷ୍ଠିତ ହୋଇପାରିବ, ବର୍ଣ୍ଣନା କର ।*

## ପାଠଗତ ପ୍ରଶ୍ନାବଳୀ ୨୪.୩

୧. ସାମ୍ପ୍ରଦାୟିକତାବାଦ କାହାକୁ କହନ୍ତି ?
୨. ତୁମେ ଭାବୁଛ କି, ଆଞ୍ଚଳିକବାଦ ଚିନ୍ତାଧାରା ଏକ ସଠିକ୍ ଭାବନା, କାରଣ ସହ ଉତ୍ତର ଲେଖ ?
୩. ଅଣହିନ୍ଦି ଭାଷା ବ୍ୟବହାରକାରୀ ରାଜ୍ୟମାନେ, ହିନ୍ଦିକୁ ସରକାରୀ ଭାଷାରୂପେ କାହିଁକି ଗ୍ରହଣ କରୁ ନଥିଲେ ?
୪. ଜାତୀୟ ସଂହତି ପାଇଁ ଉଗ୍ରବାଦୀ କାର୍ଯ୍ୟ କାହିଁକି ଏକ ବିପଦ ଅଟେ ?

## ୨୪.୨ ଧର୍ମ ନିରପେକ୍ଷତା

ସାମ୍ପ୍ରଦାୟିକତାବାଦ ଦେଶର ପରମ ଶତ୍ରୁ । ଜାତୀୟ ସଂହତି ପାଇଁ ଏହା ସର୍ବଦା ବିପଦ ସୃଷ୍ଟି କରେ । ଭାରତ ପ୍ରକୃତରେ ଏକ ଅଣ-ସାମ୍ପ୍ରଦାୟିକତାବାଦର ଦେଶ । ଦୀର୍ଘଦିନ ଧରି ଏହା ବିଭିନ୍ନ ଧର୍ମ ଓ ସଂସ୍କୃତିକୁ ଆଶ୍ରୟ ଦେଇଛି । ସାମ୍ପ୍ରଦାୟିକତାବାଦ, ଇଂରେଜମାନଙ୍କ ଶାସନ ସମୟରେ, ଦେଶକୁ ଭାଗ ଭାଗ କରିବାରେ ବ୍ୟବହୃତ ହେଉଥିଲା । ଔପନିବେଶୀୟ ଶାସନ ଭାରତୀୟ ମାନଙ୍କୁ ଶିକ୍ଷା ଦେଉଥିଲା ଯେ, ସେମାନେ ଯେହେତୁ ବିଭିନ୍ନ ଧର୍ମ ଓ ସଂପ୍ରଦାୟର ଅଟନ୍ତି, ସେମାନଙ୍କର କାର୍ଯ୍ୟ ଓ ଚିନ୍ତାଧାରା କେବେ ସମାନ ହେବା ଉଚିତ୍ ନୁହେଁ । ତେଣୁ ସମ୍ବିଧାନ ପ୍ରଣେତାମାନେ, ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ବୋଲି ସାମ୍ବିଧାନିକ ପ୍ରସ୍ତାବନାରେ ୧୯୭୬ ମସିହାରେ ୪୨ତମ ସଂଶୋଧନକରି ସମ୍ବିଧାନରେ ସଂଯୋଗ କରିଥିଲେ ।

### ୨୪.୨.୧ ଧର୍ମନିରପେକ୍ଷତା ବାଦର ଅର୍ଥ

ଧର୍ମନିରପେକ୍ଷତାବାଦର ଅର୍ଥ ହେଉଛି, ରାଷ୍ଟ୍ର ଓ ତାର କାର୍ଯ୍ୟକଳାପ ଶିକ୍ଷାବ୍ୟବସ୍ଥା ଓ ନୀତିଶାସ୍ତ୍ର ଧର୍ମଠାରୁ ପୃଥକ ଓ ସ୍ୱାଧୀନ । ଏହାର ଅର୍ଥନୁହେଁ, ଧର୍ମର ବିଲୋପ । ମାତ୍ର ଧର୍ମ ସହ ଏହାର କୌଣସି ସମ୍ପର୍କ ନାହିଁ । ଦେଶର କୌଣସି ନିଜସ୍ୱ ଧର୍ମ ନାହିଁ । ଏଠାରେ ବ୍ୟକ୍ତିଗତ ଧର୍ମ ସ୍ୱାଧୀନତା, ଧର୍ମୀୟ ସମାନତା ନିରପେକ୍ଷତା ଓ ସହନଶୀଳତାକୁ ଗୁରୁତ୍ୱ ଦିଆଯାଇଛି । ତେଣୁ ଭାରତରେ ଧର୍ମନିରପେକ୍ଷତାର ଅର୍ଥ ଧର୍ମଠାରୁ ଦୂରତ୍ୱ ରକ୍ଷା ନୁହେଁ, ବରଂ ସର୍ବଧର୍ମ ସମାନତା ଓ ସାମ୍ପ୍ରଦାୟିକ ସଦ୍‌ଭାବ । ବାସ୍ତବରେ ଧର୍ମନିରପେକ୍ଷତାବାଦ ଏକ ମନବୃତ୍ତି ଓ ମାନସିକ ଧାରଣା ଯାହା ଯୁକ୍ତି, ହେତୁ, ବିଚାର ବା କାରଣକୁ ସର୍ବୋଚ୍ଚତା ପ୍ରଦାନ କରେ, ବିଶ୍ୱାସକୁ ନୁହେଁ ।



ଚିତ୍ର ୨୪.୪ (ଧର୍ମ ସ୍ୱାଧୀନତା)

## ୨୪.୨.୨ ସମ୍ବିଧାନରେ ଧର୍ମନିରପେକ୍ଷତାବାଦ

ଭାରତୀୟ ସମ୍ବିଧାନରେ, ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ରବୋଲି ଅନେକ ବ୍ୟବସ୍ଥା ରହିଛି। ଭାରତୀୟ ସମ୍ବିଧାନ ଏହାର ପ୍ରସ୍ତାବନା ମାଧ୍ୟମରେ, ବିଶେଷକରି ମୌଳିକ ଅଧିକାର ଓ ରାଷ୍ଟ୍ର ନିର୍ଦ୍ଦେଶକ ନୀତିର ବାଖ୍ୟାକରି ଏକ ଧର୍ମନିରପେକ୍ଷ ଦେଶର ପରିଚୟ ଦେଉଛି। ଏହି ନୀତି ମୂଖ୍ୟତଃ ସମାନତା ଓ ପକ୍ଷପାତିତ୍ୱ ବିହୀନ ବ୍ୟବସ୍ଥାକୁ ନେଇ ସୃଷ୍ଟି ହୋଇଛି। ସାମାଜିକ ଓ ଅର୍ଥନୈତିକ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ନେଇ ଧର୍ମନିରପେକ୍ଷତାବାଦ, ଆମ ସମ୍ବିଧାନର ମୂଖ୍ୟ ଆଧାରଭାବେ ଗଢ଼ି ଉଠିଛି। ବିଭିନ୍ନ ଧର୍ମାବଲମ୍ବୀ ଲୋକଙ୍କୁ ଦେଶର ମୂଖ୍ୟ ସ୍ରୋତରେ ସାମିଲକରି ଜାତୀୟ ସଂହତିକୁ ବଜାଇ ରଖିଛି।

## ୨୪.୨.୩ ଧର୍ମନିରପେକ୍ଷତାବାଦ ଓ ଏହାର ଗୁରୁତ୍ୱ

ସମ୍ବିଧାନିକ ବ୍ୟବସ୍ଥା ଓ ନିରାପତ୍ତା ସତ୍ତ୍ୱେ, ଦେଶର ନାଗରିକ ମାନେ ପ୍ରକୃତରେ ଧର୍ମନିରପେକ୍ଷ ନୁହଁନ୍ତି। ଏହା ଏକ ଦୁର୍ଭାଗ୍ୟଜନକ ଘଟଣା। ଆମେ ପ୍ରତ୍ୟେକ ସମୟରେ, ଦେଶ ସାମ୍ପ୍ରଦାୟିକ ଦଙ୍ଗା ଦେଖି ଆସୁଅଛେ। ଅତି ସାଧାରଣ ଘଟଣାରୁ ହିଂସା ସୃଷ୍ଟି ହେଉଛି। କିନ୍ତୁ ଧର୍ମନିରପେକ୍ଷତାବାଦ କେବଳ ସାମ୍ପ୍ରଦାୟିକ ସଦ୍‌ଭାବ ଓ ଶାନ୍ତି ପାଇଁ ସହାୟକ ନୁହେଁ, ଏହା ଦେଶର ସ୍ଥିତି ଓ ସମୃଦ୍ଧିକୁ ବଜାୟ ରଖେ। ତୁମ ଚତୁଃପାର୍ଶ୍ୱରେ ତୁମର ବନ୍ଧୁ, ପଡୋଶୀ ଓ ସହପାଠୀମାନେ ବିଭିନ୍ନ ଧର୍ମ ଗ୍ରହଣ କରିଥିବା ଦେଖିଥିବ। ସେମାନେ ବିଭିନ୍ନ ଜାତିର ବି ହୋଇଥିବେ। ତୁମେ ସେମାନଙ୍କ ସହ କିପରି ସମ୍ପର୍କ ରକ୍ଷା କରିପାରିବ, ଯଦି ସମସ୍ତେ ପରସ୍ପର ଧର୍ମପ୍ରତି ସହନଶୀଳତା ଓ ସମ୍ମାନ ଭାବ ପ୍ରଦର୍ଶନ ନକରିବେ। ଆମେ ସମସ୍ତେ ଜାଣୁ, ଭାରତ ଏକ ବହୁ ତତ୍ତ୍ୱବାଦୀ ଦେଶ। ଏ ଦେଶର ସମସ୍ତ ଜନସାଧାରଣ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନୀତି ଉପରେ ଭରଷା ରଖି ଓ ପରସ୍ପର ଉପରେ ବିଶ୍ୱାସ ରଖି ସମୟ ବିତାଇବା ଅତ୍ୟନ୍ତ ଜରୁରୀ ଅଟେ।

### ? ତୁମେ ଜାଣ କି

ଭାରତ ଏକ ବିଭିନ୍ନତା ପୂର୍ଣ୍ଣ ଓ ଅସୀମ ପ୍ରକାରର ଦେଶ। ଏ ଦେଶରେ ପ୍ରାୟ ୧୮ଟି ମୂଖ୍ୟଭାଷା ଓ ୪୦୦ ଉପଭାଷା ଦେଖିବାକୁ ମିଳେ। ପୃଥିବୀର ୪ଟି ମୂଖ୍ୟ ଧର୍ମର ଧର୍ମାବଲମ୍ବୀମାନେ ଏ ଦେଶର ବାସିନ୍ଦା। ଏହା ପୃଥିବୀର ଦ୍ୱିତୀୟ ମୁସଲମାନ ବହୁଳ ଦେଶ ଭାବେ ପରିଚିତ ଅଟେ। ଏ ଦେଶର ଖ୍ରୀଷ୍ଟିୟାନ ମାନେ, ୟୁରୋପ ମହାଦେଶ ଅପେକ୍ଷା ବହୁ ଆଗରୁ ଏଠାରେ ବସତି ସ୍ଥାପନ କରିଥିଲେ। ଭାରତ, ଧାର୍ମିକ ନିର୍ଯ୍ୟାତନାର ଶିକାର ହୋଇଥିବା ବ୍ୟକ୍ତିମାନଙ୍କର ଆଶ୍ରୟସ୍ଥଳ। ଏହି ଦେଶରେ ପ୍ରାୟ ୪୦୦୦ରୁ ଉର୍ଦ୍ଧ୍ୱ ସାଂସ୍କୃତିକ ଦଳ ଓ ସଂପ୍ରଦାୟର ଲୋକମାନେ ବାସ କରନ୍ତି। ଏହା ବହୁଧର୍ମୀ, ବହୁଭାଷି, ବହୁ ଆଞ୍ଚଳିକ ଗୋଷ୍ଠୀ ଓ ସାଂସ୍କୃତିକ ମାଧ୍ୟମ, ଯାହା ସମସ୍ତ ଧର୍ମ, ଭାଷା ମଧ୍ୟରେ ସମନ୍ୱୟ ରକ୍ଷାକରି ଦେଶର ସଂହତି ବଜାୟି ରଖିଛି।

ଟିପ୍ପଣୀ

## ପାଠଗତ ପ୍ରଶ୍ନାବଳୀ ୨୪.୪

୧. ଧର୍ମନିରପେକ୍ଷତାବାଦର ଅର୍ଥ କ'ଣ ?

୨. କେଉଁ ସାମ୍ବିଧାନିକ ବ୍ୟବସ୍ଥାଗୁଡ଼ିକ ଧର୍ମନିରପେକ୍ଷତାବାଦକୁ ଗୁରୁତ୍ୱ ଦିଏ ?

୩. ଭାରତକୁ ଏକ ଧର୍ମନିରପେକ୍ଷ ରାଷ୍ଟ୍ରଭାବେ ଗଢ଼ିବାପାଇଁ ଦେଶର ନାଗରିକ ମାନଙ୍କ ଭୂମିକା କ'ଣ ହେବା ଉଚିତ୍ ?

## ତୁମେ କ'ଣ ଶିକ୍ଷାଲାଭ କଲ ?

- ଗୋଟିଏ ଜାତିକୁ ଏକ ଦେଶ କୁହାଯାଇପାରେ, ଯେଉଁଠାରେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଗଠନ ପ୍ରକ୍ରିୟାରେ ସମତା ଓ ସାମଞ୍ଜସ୍ୟ ଥାଏ । ଏଠାରେ ପ୍ରତ୍ୟେକଙ୍କର, ଏକ ସାଧାରଣ ସମାଜ, ସଂସ୍କୃତି ଓ ମୂଲ୍ୟବୋଧ ଥାଏ । "ଆମେ ସମସ୍ତେ ଏକ" ଏହି ଚିନ୍ତାଧାରା ସମଗ୍ର ଜାତିକୁ ଏକାଠି କରି ରଖେ ।

- ଭାରତ ବିଭିନ୍ନତାର ଏକ ବିରାଟ ଦେଶ । ଏଠାରେ ବିଭିନ୍ନ ଗୋଷ୍ଠୀ, ଜାତି ଓ ଧର୍ମର ଲୋକମାନେ ବାସ କରନ୍ତି । ସେମାନେ ବିଭିନ୍ନ ଅଞ୍ଚଳରେ ବାସକରନ୍ତି ଓ ଅଲଗା ଭାଷାରେ ମଧ୍ୟ କଥାବାର୍ତ୍ତା କରନ୍ତି । ସେମାନଙ୍କର ଜୀବନଯାପନ ପ୍ରଣାଳୀ ଓ ବ୍ୟବହାରରେ ପାର୍ଥକ୍ୟ ଦେଖାଯାଏ । ତଥାପି, ଏ ସବୁ ବିଭିନ୍ନତା ସତ୍ତ୍ୱେ, ସେମାନେ ସମସ୍ତେ ଭାରତୀୟ ବୋଲି ଭାବି ନିଜକୁ ଗର୍ବ ଅନୁଭବ କରନ୍ତି ।

- କୌଣସି ଦେଶର ନାଗରିକ ମାନଙ୍କର ସାଧାରଣ ପରିଚୟ ହିଁ ଜାତୀୟ ସଂହତି କୁହାଯାଏ । ଯଦିଓ ସେମାନଙ୍କର ଧର୍ମ, ଭାଷା, ଗୋଷ୍ଠୀ ଓ ସଂସ୍କୃତି ଅଲଗା, ତଥାପି ସେମାନେ ନିଜକୁ ଏକ ବୋଲି ଭାବନ୍ତି । ଉକ୍ତ ଏକତାଭାବ ଦେଶକୁ ଉନ୍ନତି ପଥରେ ଆଗକୁ ନେବାରେ ସହାୟକ ହୁଏ ।

- ଦେଶର ସ୍ୱାଧୀନତା ଆନ୍ଦୋଳନ ସମୟରେ ଜନସାଧାରଣ ଜାତୀୟ ସଂହତି ଭାବନାର ବଶବର୍ତ୍ତୀ ହୋଇ ଏହାର ଗୁରୁତ୍ୱକୁ ଉପଲବ୍ଧି କରିଥିଲେ । ଉକ୍ତ ଆନ୍ଦୋଳନ ପରିପ୍ରେକ୍ଷୀରେ ସମସ୍ତ ଧର୍ମ,ଜାତି ଓ ଗୋଷ୍ଠୀର ଲୋକମାନେ ଏକାଠି ହୋଇ ଦେଶରୁ ଇଂରେଜମାନଙ୍କୁ ତଡିବା ପାଇଁ ଉଦ୍ୟମ କରିଥିଲେ । ସେମାନେ ମଧ୍ୟ ଦେଶଗଠନ ପାଇଁ ବ୍ୟକ୍ତିର ସ୍ୱାତନ୍ତ୍ର୍ୟ, ସ୍ୱାଧୀନତା, ଧର୍ମନିରପେକ୍ଷତା, ସାମାଜିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦେଇଥିଲେ ।

- ଭାରତୀୟ ସମ୍ବିଧାନ ଦେଶର ସଂହତି ରକ୍ଷା କରିବାରେ ଗୁରୁତ୍ୱ ଦେଇଛନ୍ତି । ସମ୍ବିଧାନର ପ୍ରସ୍ତାବନାରେ ଏକତା ଓ ନୈତିକତା ରକ୍ଷା କରିବା ଲକ୍ଷ୍ୟ ବୋଲି କୁହାଯାଇଛି । ଦେଶର ଏକତା, ସାର୍ବଭୌମତ୍ୱ ରକ୍ଷା କରିବା ପ୍ରତ୍ୟେକ ନାଗରିକଙ୍କର ପରମ କର୍ତ୍ତବ୍ୟବୋଲି ଦର୍ଶାଯାଇଛି ।

- ଦେଶର ସଂହତି ରକ୍ଷା କରିବାପାଇଁ ଭାରତ ଅନେକ ଆହ୍ୱାନର ସମ୍ମୁଖୀନ ହୋଇ ଆସୁଅଛି । ଉକ୍ତ ଆହ୍ୱାନଗୁଡିକ ମଧ୍ୟରୁ ସାମ୍ପ୍ରଦାୟିକତାବାଦ, ଆଞ୍ଚଳିକତାବାଦ, ଭାଷାଗତ ବିବାଦ ଓ

ଉଗ୍ରବାଦ ମୁଖ୍ୟ ଅଟେ ।

- ଯାହାହେଉ, ଏଭଳି ଅନେକ ଉପାଦାନ ଅଛି, ଯାହା ଜାତୀୟ ସଂହତି ରକ୍ଷା କରିବାରେ ସହାୟକ ହେଉଛି । ଭାରତୀୟ ସମ୍ବିଧାନରେ ମଧ୍ୟ ଅନେକ ବ୍ୟବସ୍ଥା କରାଯାଇଛି, ଯାହା ସଂହତିକୁ ସମୃଦ୍ଧ କରିପାରିବ । ସରକାର ଜାତୀୟ ସଂହତି ପରିଷଦ ଗଠନକରି, ସେମାନଙ୍କ ପରାମର୍ଶ ଦ୍ୱାରା ଉଚିତ୍ ପଦକ୍ଷେପ ନେଉଛନ୍ତି । ବିଭିନ୍ନ କମିସନ ମାନ ଗଠନ କରାଯାଇ ଦେଶର ଅର୍ଥନୈତିକ, ସାମାଜିକ ଓ ନିର୍ବାଚନ ସମ୍ପର୍କୀୟ ବ୍ୟବସ୍ଥାର ଯତ୍ନ ନିଆଯାଉଛି । ବିଭିନ୍ନ ଉତ୍ସବ, ଜାତୀୟ ସଂଗୀତ ଜରିଆରେ ଆମେ ସମସ୍ତେ ନିଜକୁ ଭାରତୀୟ ଭାବିବାପାଇଁ ଉଦ୍ୟମ କରାଯାଉଛି ।
- ଧର୍ମନିରପେକ୍ଷତାବାଦ, ଧାର୍ମିକ ସ୍ୱାଧୀନତା ଓ ସହନଶୀଳନତାକୁ ହିଁ ବୁଝାଇଥାଏ । ଦେଶର କୌଣସି ଧର୍ମ ନଥାଏ । ପ୍ରତ୍ୟେକ ନାଗରୀକଙ୍କର ଧର୍ମଗ୍ରହଣ ପ୍ରଚାର ଓ ଏହାର ଉନ୍ନତିପାଇଁ କାର୍ଯ୍ୟକରିବାର ସ୍ୱାଧୀନତା ଥାଏ । ସରକାର ସମସ୍ତ ଧର୍ମକୁ ସମଦୃଷ୍ଟିରେ ଦେଖନ୍ତି ଓ ପ୍ରତ୍ୟେକ ନାଗରିକ ସର୍ବଧର୍ମ ସମାନ ନୀତିରେ ପରିଚାଳିତ ହୁଅନ୍ତି ।
- ଭାରତୀୟ ସମ୍ବିଧାନ ଏହାର ପ୍ରସ୍ତାବନାରେ ମୌଳିକ ଅଧିକାର ଓ ରାଷ୍ଟ୍ର ନିର୍ଦ୍ଦେଶକ ନୀତି ମାଧ୍ୟମରେ ଦେଶକୁ ଏକଧର୍ମନିରପେକ୍ଷ ରାଷ୍ଟ୍ର ବୋଲି ପରିଚିତ କରାଇ ପାରିଛି ।
- ଧର୍ମନିରପେକ୍ଷତାବାଦ, କେବଳ ଦେଶରେ ସାମ୍ପ୍ରଦାୟିକ ସଦ୍‌ଭାବ ଓ ଶାନ୍ତି ପାଇଁ ଆବଶ୍ୟକ ନୁହେଁ, ଏହା ଦେଶର ସ୍ଥିତି ଓ ସମୃଦ୍ଧି ପାଇଁ ଅତ୍ୟନ୍ତ ଜରୁରୀ ଅଟେ ।

## ଅନ୍ତିମ ପ୍ରଶ୍ନାବଳୀ

୧. ଜାତୀୟ ସଂହତି କ'ଣ ବୁଝାଅ ? ସ୍ୱାଧୀନତା ଆନ୍ଦୋଳନ ଦ୍ୱାରା ଏହା କିପରି ପ୍ରଭାବିତ ହୋଇଥିଲା ?

୨. ଭାରତୀୟ ସମ୍ବିଧାନରେ ଜାତୀୟ ସଂହତି ରକ୍ଷାପାଇଁ କି ବ୍ୟବସ୍ଥା ରହିଛି ?

୩. ଭାରତର ଜାତୀୟ ସଂହତି ପାଇଁ କେଉଁ ଆହ୍ୱାନଗୁଡ଼ିକ ମୁଖ୍ୟ ଅଟେ ?

୪. କେଉଁ ଉପାଦାନ ଗୁଡ଼ିକ ଜାତୀୟ ସଂହତି ରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ?

୫. ଧର୍ମନିରପେକ୍ଷତାବାଦ କ'ଣ ? ଏହା ଦେଶର ରାଜନୈତିକ ସ୍ଥିରତା ପାଇଁ କିପରି ସାହାଯ୍ୟ କରୁଛି ?

୬. ଦୁଇଜଣ ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀଙ୍କର ମତାମତ ନିମ୍ନରେ ଦିଆଯାଇଛି ।

ମହାତ୍ମାଗାନ୍ଧୀ ଥରେ କହିଥିଲେ, "ମୁଁ ଜଣେ ହିନ୍ଦୁ ଓ ଧର୍ମ ରକ୍ଷାପାଇଁ ଶପଥ କରୁଛି । ମୁଁ ମୋ ଧର୍ମପାଇଁ ଜୀବନ ଉତ୍ସର୍ଗ କରିପାରିବି । କିନ୍ତୁ ଏହା ମୋର ବ୍ୟକ୍ତିଗତ ନିଷ୍ପତ୍ତି । ଦେଶର ଏଥିରେ କିଛି କରିବାର ନାହିଁ । ଦେଶ ଲୋକଙ୍କ ନିରାପତ୍ତା, ସମୃଦ୍ଧି, ସ୍ୱାସ୍ଥ୍ୟ, ଶିକ୍ଷା ପ୍ରଭୃତିର ଯତ୍ନ ନେବ, କିନ୍ତୁ ମୋର କିମ୍ବା ତୁମର ଧର୍ମର ନୁହେଁ । ଏହା ସମସ୍ତଙ୍କର ବ୍ୟକ୍ତିଗତ କାର୍ଯ୍ୟ ।

ମହାତ୍ମାଗାନ୍ଧୀଙ୍କର ଜଣେ ବିଶ୍ୱସ୍ତ ସହକର୍ମୀ, ମୌଲାନା ଆଜାଦ କହିଥିଲେ, ମୁଁ ଜଣେ ମୁସଲମାନ, ଏହାର ଅତୀତ ଗୌରବ ପରମ୍ପରାରୁ ମୋର ସୃଷ୍ଟି । ତେଣୁ ଏହି ଧର୍ମର ଏକ କ୍ଷୁଦ୍ରକଣିକାକୁ ହରାଇବାକୁ ମୁଁ ଚାହେଁ ନାହିଁ । ମୁଁ ମଧ୍ୟ ସମପରିମାଣରେ ଜଣେ ଭାରତୀୟ ବୋଲି ଗର୍ବକରେ ଓ ଏହାର ଅଂଶବିଶେଷ ବୋଲି ଭାବେ, ଯାହା ନହେଲେ, ଭାରତୀୟ ସଂହତି ଗଠନ ଅପୂର୍ଣ୍ଣ ରହିବ ।

ଉପରଲିଖିତ ଘଟଣା ଅନୁସାରେ, ଦେଶର ଧର୍ମନିରପେକ୍ଷତା ଓ ଜାତୀୟ ସଂହତି ରକ୍ଷାପାଇଁ ନାଗରିକମାନଙ୍କର ଭୂମିକା କ'ଣ ହେବା ଉଚିତ୍ ? ବର୍ଣ୍ଣନା କର ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

### ୨୪.୧

୧. (କ) ଏକାଭଳି ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଗଠନ ପ୍ରକ୍ରିୟା ଥାଏ ।
(ଖ) ସାଧାରଣ ସାଦୃଶ୍ୟ ।
(ଗ) ଏକ ଶକ୍ତିଶାଳୀ ଓ ସମୃଦ୍ଧ ଦେଶ ।
(ଘ) ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ, ବୌଦ୍ଧ, ଶିଖ୍, ଜୈନ ପ୍ରଭୃତି ଧର୍ମାବଲମ୍ବୀମାନେ ।

୨. ଧର୍ମାବଲମ୍ବୀମାନେ ସାମାଜିକ, ସାଂସ୍କୃତିକ, ଧର୍ମସମ୍ବନ୍ଧୀୟ, ଭାଷାଗତ ପ୍ରଭୃତି ବିଭିନ୍ନତା ଥାଇ ପ୍ରତ୍ୟେକ ଦେଶପାଇଁ ଜାତୀୟ ସଂହତିର ଯଥେଷ୍ଟ ଆବଶ୍ୟକତା ରହିଛି । କିନ୍ତୁ ଭାରତଭଳି ଦେଶ ପାଇଁ ଏହା ଅମୂଲ୍ୟ ସଂପଦ । ଆମ ଦେଶ ଏକ ବିରାଟ ଦେଶ । ଏ ଦେଶର ସବୁଠାରୁ ବଡ ବିଶେଷତ୍ୱ ହେଲା ଯେ, ଏଠାରେ ପୃଥିବୀର ସମସ୍ତ ମୁଖ୍ୟ ଧର୍ମର ଧର୍ମାବଲମ୍ବୀମାନେ ବାସ କରନ୍ତି । ଏକ ହଜାରରୁ ଉର୍ଦ୍ଧ୍ୱଭାଷା ଏଠାରେ ବ୍ୟବହାର କରାଯାଏ । ଏ ସମସ୍ତ ବିଭିନ୍ନତା ସତ୍ତ୍ୱେ ଏଠାରେ ରାଜନୈତିକ ଏକତା ତିଷ୍ଠି ରହିଛି । ସମସ୍ତଙ୍କ ମଧ୍ୟରେ ଉତ୍ତମ ବୁଝାମଣା, ସମ୍ପର୍କ ଓ ସମ୍ମାନ ସବୁ ସମୟରେ ରହିଛି । ଏହା ପ୍ରକୃତରେ ଉତ୍ତମ ଜାତୀୟ ସଂହତିର ଲକ୍ଷଣ ଅଟେ ।

### ୨୪.୨

୧. (କ) ଜାତୀୟ ଏକତା
(ଖ) ଜାତୀୟ ଭାବନା

(ଗ) ଧର୍ମ, ଅଞ୍ଚଳ, ସଂସ୍କୃତି ଓ ଗୋଷ୍ଠୀ

(ଘ) ୧୮୮୫ ମସିହା

୨. ଭାରତୀୟ ସମ୍ବିଧାନ ଜାତୀୟ ସଂହତି ରକ୍ଷା ଉପରେ ଗୁରୁତ୍ୱ ଦେଇଥିଲା । ସମ୍ବିଧାନର ପ୍ରସ୍ତାବନାରେ ଦେଶର ଏକତା ଓ ନୈତିକତା ରକ୍ଷା କରିବା, ମୂଖ୍ୟ ଉଦ୍ଦେଶ୍ୟ ଥିଲା । ଉକ୍ତ ପ୍ରସ୍ତାବନାରେ ଉଲ୍ଲେଖ ଥିଲା ଯେ, ପ୍ରତ୍ୟେକ ନାଗରୀକ ଦେଶର ଏକତା ଓ ସାର୍ବଭୌମ୍ୟତ୍ୱର ରକ୍ଷାପାଇଁ 'ପ୍ରତିଶୃତିବଦ୍ଧ' ଦେଶରେ ଏକ ଜନମଙ୍ଗଳ କେନ୍ଦ୍ରୀୟ ସରକାର ଗଠନ କରିବାକୁ ପ୍ରସ୍ତାବନାରେ ନିର୍ଦ୍ଦେଶ ଥିଲା ।

**୨୪.୩** ଜନସାଧାରଣ କୌଣସି ନିର୍ଦ୍ଦିଷ୍ଟ ଧର୍ମପ୍ରତି ନିଜର ସମ୍ପୂର୍ଣ୍ଣ ଆନୁଗତ୍ୟ ପ୍ରକାଶକରି ଅନ୍ୟ ଧର୍ମକୁ ଘୃଣା କରିବା ଅବସ୍ଥାରେ ଯେତେବେଳେ ରହନ୍ତି, ସେତେବେଳେ ସାମ୍ପ୍ରଦାୟିକତାବାଦ ସୃଷ୍ଟି ହୁଏ । ଉକ୍ତ ଚିନ୍ତାଧାରା ଧାର୍ମିକ ମୌଳବାଦୀ ଚିନ୍ତାଧାରା ଅଟେ, ଯାହା ଦେଶର ଏକତା ଓ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରେ ।

୪. ଆଞ୍ଚଳିକତାବାଦ ଏକ ଉତ୍ତମ ଚିନ୍ତାଧାରା, ଯେତେବେଳେ ଏହା କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳର ଅଭାବ ଓ ଅସୁବିଧା ପୂରଣ କରିବାରେ ସାହାଯ୍ୟ କରେ । କାରଣ, ସାଧାରଣଭାବେ ଉକ୍ତ ଅଞ୍ଚଳର ଉନ୍ନତି ପ୍ରତି ଅବହେଳା ହୋଇଥାଏ । ଏପରିକି ଦେଶର ସମସ୍ତ ଅଞ୍ଚଳ ସମଭାବରେ ବର୍ତ୍ତମାନ ସୁଦ୍ଧା ଆଶାତୀତ ଉନ୍ନତି କରିପାରି ନାହାନ୍ତି । ତେଣୁ ଆଞ୍ଚଳିକତାବାଦ ଚିନ୍ତାଧାରା ସମୟ ସମୟରେ ଏକ ବାସ୍ତବ ପଦକ୍ଷେପ ବୋଲି ମନେହୁଏ ।

୫. କାରଣ ସେମାନଙ୍କୁ ହିନ୍ଦି ଭାଷାର ବ୍ୟବହାର ଜଣା ନଥିଲା । ଯାହା ହେଉ କେତେକ ଅଣହିନ୍ଦି ଭାଷାଭାଷି ଅଞ୍ଚଳରେ ହିନ୍ଦିଭାଷା ଶିକ୍ଷାପାଇଁ ଗୁରୁତ୍ୱ ଦିଆଯାଉଛି । ଆଉ ମଧ୍ୟ କେତେକ ହିନ୍ଦିଭାଷା କହୁଥିବା ରାଜ୍ୟ ମାନଙ୍କରେ ତାମିଲ, ତେଲୁଗୁ, ଓଡିଆ, ବେଙ୍ଗଲି ପ୍ରଭୃତି ଭାଷା ଶିକ୍ଷାଲାଭ ପାଇଁ ବ୍ୟବସ୍ଥା କରାଯାଇଛି ।

୬. ଜାତୀୟ ସଂହତିପାଇଁ ଉଗ୍ରବାଦୀ କାର୍ଯ୍ୟକଳାପ ବିପଦପୂର୍ଣ୍ଣ ଅଟେ କାରଣ ସେମାନେ ହିଂସା ମାଧ୍ୟମରେ ସାଧାରଣ ଜୀବନରେ ଭୟ ସୃଷ୍ଟି କରନ୍ତି, ସରକାରୀ କର୍ମଚାରୀଙ୍କୁ ହତ୍ୟା କରନ୍ତି ଓ ସରକାରୀ ସମ୍ପତ୍ତିକୁ ନଷ୍ଟ କରିଥାନ୍ତି । ଦେଶର ଯୁବ ସଂପ୍ରଦାୟ ମୂଖ୍ୟତଃ ଏହି ସଂଗଠନରେ ସାମିଲ ହୋଇଥାନ୍ତି । ସେମାନଙ୍କୁ ଆବଶ୍ୟକ ସୁବିଧା ସୁଯୋଗରୁ ବଞ୍ଚିତ କରିବା ଦ୍ୱାରା, ସେମାନେ ଅସ୍ତ୍ର ମାଧ୍ୟମରେ ମାନବ ଜୀବନ ସମ୍ପତ୍ତିର କ୍ଷତି ଘଟାନ୍ତି । ତେଣୁ ଉକ୍ତ କାର୍ଯ୍ୟକଳାପ ଦେଶ ଓ ଏହାର ଜନସାଧାରଣ ପାଇଁ କ୍ଷତି କାରକ ଅଟେ ।

**୨୪.୪**

୧. ପ୍ରତ୍ୟେକ ଧର୍ମକୁ ସମାନ ଗୁରୁତ୍ୱ ଦେଇ ଧାର୍ମିକ ସହନଶୀଳତା ଭାବରେ ପରିପ୍ରକାଶ କରିବାକୁ ଧର୍ମନିରପେକ୍ଷତାବାଦ କୁହାଯାଏ । ଆମ ଦେଶର କୌଣସି ନିଜସ୍ୱ ଧର୍ମ ନାହିଁ । ସରକାର କୌଣସି ନିର୍ଦ୍ଦିଷ୍ଟ ଧର୍ମକୁ ସମର୍ଥନ କିମ୍ବା ବିରୋଧ କରିବା ଉଚିତ୍ ନୁହେଁ । ସବୁ ଧର୍ମକୁ ସମ୍ମାନ ପ୍ରଦର୍ଶନ କରିବା ଆମର ଲକ୍ଷ୍ୟ । ଦେଶର ଜନସାଧାରଣ ସମସ୍ତ ଧର୍ମକୁ ଉପଯୁକ୍ତ ସମ୍ମାନ ଓ ଶ୍ରଦ୍ଧା ପ୍ରଦର୍ଶନ କରିବା ବିଧେୟ । ପ୍ରତ୍ୟେକ ଲୋକ ନିଜର ପସନ୍ଦଯୋଗ୍ୟ ଧର୍ମଗ୍ରହଣ କରିବା ଓ ଏହାର ଯତ୍ନନେବାରେ ଅଧିକାର ରହିବା ପ୍ରକୃତ ଧର୍ମନିରପେକ୍ଷତାର ଲକ୍ଷଣ ଅଟେ ।

୨. ଭାରତୀୟ ସମ୍ବିଧାନ ଏହାର ପ୍ରସ୍ତାବନା ମାଧମରେ ନାଗରିକଙ୍କ ମୌଳିକ ଅଧିକାର ଓ ରାଷ୍ଟ୍ରନିର୍ଦ୍ଦେଶକ ନୀତିର ଅବତାରଣା କରି ଦେଶକୁ ଏକ ଧର୍ମନିରପେକ୍ଷ ରାଷ୍ଟ୍ରର ମାନ୍ୟତା ଦେଇଛନ୍ତି । ଏଥିରେ କୌଣସି ଅସମାନତା ଓ ଭିନ୍ନତାକୁ ପ୍ରଶୟ ଦିଆଯାଇ ନାହିଁ ।

୩. ପ୍ରତ୍ୟେକ ନାଗରୀକ ନିଜ ଧର୍ମପରି ସମସ୍ତ ଧର୍ମକୁ ସମ୍ମାନ ପ୍ରଦର୍ଶନ କରିବା ଉଚିତ୍ । ତୁମେ ଯଦି ତୁମର ଚତୁଃପାର୍ଶ୍ୱକୁ ଦେଖିବ, ତୁମର ବନ୍ଧୁ, ସହପାଠୀ, ପଡୋଶୀ ପ୍ରଭୃତି ଅନ୍ୟଧର୍ମର ପୃଷ୍ଠପୋଷକ ଥିବେ ଓ ଏହାର ପ୍ରଚାର କରୁଥିବେ । ସେମାନେ ବିଭିନ୍ନ ଜାତିର ବି ହୋଇଥିବେ । ତେବେ ତୁମେ କିପରି ସେମାନଙ୍କ ସହ ଭାବର ଆଦାନ ପ୍ରଦାନ କରିବ, ଯଦି ତୁମେ ସେମାନଙ୍କ ଧର୍ମକୁ ନିରପେକ୍ଷଭାବେ ନ ଦେଖିବ । ତେଣୁ ସମସ୍ତେ ପ୍ରତ୍ୟେକ ଧର୍ମକୁ ସମ୍ମାନ କରିବା ଉଚିତ୍ ।